୨୪-୩୦ ମାର୍ଚ୍ଚ ୨୦୨୪

ସକାଳ
THE SAKALA

ରବିବାର

# ସିନ୍ଧୁରା

- ଏକ ବିଫଳ ରାଷ୍ଟ୍ରର କାଶ୍ମୀର ବିଳାପ
- ଅସ୍ଥିର ପଡ଼ୋଶୀ ପାକିସ୍ତାନ
- ତିନି 'ଏ'ର ଦେଶ
- ସଙ୍କଟରେ ସ୍ୱୟଂଭୂ
- ପାକ୍-ଆମେରିକା ଦ୍ୱିପାକ୍ଷିକ ସଂପର୍କର ଏପାଖସେପାଖ
- ଆତଙ୍କବାଦୀଙ୍କ ଭୂସ୍ୱର୍ଗ

# ଏଏଏ
# ଭରସାରେ
# ପାକିସ୍ତାନ





ଏକ ପ୍ରବାଦ ଅଛି - କର୍ମବଳରେ ଭଲ ଘରଟିଏ କରିହୁଏ; କିନ୍ତୁ ଭଲ ପଡ଼ୋଶୀ ମିଳିବା ଭାଗ୍ୟ ଉପରେ ନିର୍ଭର କରେ । କୌଣସି ଏକ ଘର, ପରିବାର, ରାଜ୍ୟ କିମ୍ବା ଦେଶ ଯଦି ଉଚ୍ଛୃଙ୍ଖଳ, ଅଶାନ୍ତ ଓ ଅସ୍ଥିର ହୁଏ, ତାହାର ପ୍ରଥମ ପ୍ରଭାବ ପଡ଼ୋଶୀଙ୍କ ଉପରେ ପଡ଼େ । ସ୍ୱାଧୀନ ଭାରତର ଭାଗ୍ୟରେଖାରେ 'ପାକିସ୍ତାନ' ନାମରେ ଏଭଳି ଜଣେ ଉଚ୍ଛୃଙ୍ଖଳ ପଡ଼ୋଶୀର ନାମ ଲେଖା ହୋଇଯାଇଛି, ଯାହା ଦୀର୍ଘ ୭୭ ବର୍ଷରେ ବଦଳି ନାହିଁ କି ସେ ସମ୍ଭାବନା ମଧ୍ୟ ନିକଟ ଭବିଷ୍ୟତରେ ଦେଖାଯାଉନାହିଁ ।

ପାକିସ୍ତାନର ବିଡ଼ମ୍ବନା ହେଉଛି, ସେଠାରେ ଯିଏ ମଧ୍ୟ ଶାସନ ମୁଖ୍ୟ ହୁଅନ୍ତୁ ନା କାହିଁକି, ଯଦି ସେନା କଥାରେ ପରିଚାଳିତ ନ ହୁଅନ୍ତି, ତେବେ ତାଙ୍କୁ କ୍ଷମତାଚ୍ୟୁତ ହେବା ସହିତ ଦଣ୍ଡଭୋଗିବାକୁ ପଡ଼େ । ଏପରିକି ୧୯୪୭ ଅଗଷ୍ଟ ୧୪ ତାରିଖରୁ ଆଜି ପର୍ଯ୍ୟନ୍ତ ପ୍ରାୟ ଅର୍ଦ୍ଧାଧିକ ସମୟ ସେନା ଦ୍ୱାରା ଶାସିତ ହୋଇଥିବା ଏହି ଦେଶର ଶାସନମୁଖ୍ୟ ଥିବା ସେନାମୁଖ୍ୟ ମଧ୍ୟ ଏହି ପରାଭବରୁ ବର୍ତ୍ତି ପାରିନାହାନ୍ତି । ପାକିସ୍ତାନ ଭଳି ଏକ ଗରିବ, ଅସ୍ଥିର ଓ ଆତଙ୍କବାଦୀ ଅଧ୍ୟୁଷିତ ଦେଶରେ ଗଣତନ୍ତ୍ରକୁ ମୁଖା କରି ସେନା ହିଁ ଅସଲ ଶାସନ କ୍ଷମତା ନିୟନ୍ତ୍ରଣ କରିଆସୁଛି । ତେଣୁ ସେଠାରେ ନବନିର୍ବାଚିତ ସରକାରର ସ୍ଥିରତାକୁ ନେଇ ସନ୍ଦେହ ସୃଷ୍ଟି ହେବା ସ୍ୱାଭାବିକ । ଏବେ ପାକିସ୍ତାନର ଅର୍ଥନୀତି ଆନ୍ତର୍ଜାତିକ ମୁଦ୍ରାପାଣ୍ଠି ପାଖରେ ଏକପ୍ରକାର ବନ୍ଧା ପଡ଼ିଛି । ମୁଦ୍ରାସ୍ଫୀତି ଅଭାବନୀୟ ଭାବରେ ଅତି ଉଚ୍ଚସ୍ତରରେ ପହଞ୍ଚିସାରିଛି । ରୁଟି, ଖିର, ପନିପରିବା ପରି ଅତ୍ୟାବଶ୍ୟକ ସାମଗ୍ରୀର ଦର ଆକାଶଛୁଆଁ ହୋଇଯାଇଛି । ପେଟ୍ରୋଲ୍, ବିଜୁଳି ଦର କଥା ନ କହିବା ଭଲ । ବୈଦେଶିକ ମୁଦ୍ରାପାଣ୍ଠି ସରି ଆସୁଛି ଏବଂ ଅପରପକ୍ଷରେ ବେକାରୀ, ଦାରିଦ୍ର୍ୟ ହାର ବଢ଼ିବାରେ ଲାଗିଛି ।

ଭାରତରୁ କାଶ୍ମୀରକୁ ବିଚ୍ଛିନ୍ନ କରିବା ପାଇଁ ଆଜନ୍ମ ଉଦ୍ୟମ କରିଆସୁଥିବା ପାକିସ୍ତାନ ଏବେ ଉଭୟ ବାହ୍ୟ ଓ ଆଭ୍ୟନ୍ତରୀଣ ବିପଦର ସାମ୍ନା କରୁଛି । ପଶ୍ଚିମ ପଡ଼ୋଶୀ ଆଫ୍‌ଗାନିସ୍ତାନ ସହିତ ସୀମାବିବାଦ ଓ ସେଠାକାର ଉଗ୍ରମୌଳବାଦୀଙ୍କ ସହିତ ସଂଘର୍ଷ ଜାରି ରହିଥିବା ବେଳେ ନିଜ ରାଜ୍ୟ ଗିଲ୍‌ଗିଟ୍ ବାଲ୍‌ଟିସ୍ତାନ ଓ ବେଲୁଚିସ୍ତାନରେ ବିଚ୍ଛିନ୍ନତାବାଦୀ ଆନ୍ଦୋଳନ ତେଜୁଛି । ଆତଙ୍କବାଦୀଙ୍କୁ ଆଶ୍ରୟ ଓ ପ୍ରୋତ୍ସାହନ ଦେଇ ଆମେରିକା ଓ ସାଉଦି ଆରବର ବିଶ୍ୱାସ ଓ ଭରସା ହରାଇଥିବା ପାକିସ୍ତାନର ସମ୍ପର୍କ ବନ୍ଧୁରାଷ୍ଟ୍ର ଇରାନ୍ ସହିତ ମଧ୍ୟ ତିକ୍ତ ହୋଇସାରିଛି ।

ବିଶ୍ୱର ଯେକୌଣସି ଅଞ୍ଚଳରେ କିମ୍ବା ଦେଶରେ ଅର୍ଥନୈତିକ ଓ ରାଜନୈତିକ ସଙ୍କଟ ସୃଷ୍ଟି ହେଲେ ପଡ଼ୋଶୀ ଦେଶ ହିଁ ପ୍ରଥମେ ପ୍ରଭାବିତ ହୁଏ । ସେ ଦୃଷ୍ଟିରୁ ଦେଖିଲେ ଭାରତ ପାଇଁ ସାନି ବିପଦ ମାଡ଼ି ଆସୁଥିବା ମନେ ହେଉଛି । ଯଦି ପାକିସ୍ତାନରେ ରାଜନୈତିକ ସ୍ଥିରତା ନ ଆସେ ତେବେ ତାହାର ସୁଯୋଗ ନେଇ ପାକ୍ ଗୁପ୍ତଚର ସଂସ୍ଥା ଆଇଏସ୍‌ଆଇ ଓ ସେନା ପ୍ରାୟୋଜିତ ଆତଙ୍କବାଦୀ ଭାରତରେ ଅଶାନ୍ତି ସୃଷ୍ଟି କରିବାର ଆଶଙ୍କାକୁ ଏଡ଼ାଇ ଦେଇ ହେବ ନାହିଁ । ଆଉ କିଛି ସପ୍ତାହ ପରେ ଭାରତ ସାଧାରଣ ନିର୍ବାଚନକୁ ସାମ୍ନା କରିବାକୁ ଯାଉଛି । ୨୦୧୯ ସାଧାରଣ ନିର୍ବାଚନ ଅବ୍ୟବହିତ ପୂର୍ବରୁ ପୁଲ୍‌ୱାମା ଆକ୍ରମଣ ଘଟଣା ଭାରତବାସୀଙ୍କ ମନରୁ ଏ ଯାଏଁ ଲିଭିନାହିଁ । ତେଣୁ ଭାରତ ତା'ର ପଡ଼ୋଶୀର ଗତିବିଧି ପ୍ରତି ଅତି ସଜାଗ ଦୃଷ୍ଟି ରଖିବା ସହିତ ଦୂରଦୃଷ୍ଟିସମ୍ପନ୍ନ ସୁଚିନ୍ତିତ ପଦକ୍ଷେପ ନେବା ଉଚିତ ହେବ । ଅସ୍ଥିର ପାକିସ୍ତାନକୁ ନେଇ ଏଥର 'ସିନ୍ଦୂରା'ର ସ୍ୱତନ୍ତ୍ର ଉପସ୍ଥାପନା:

# ଏଏଏ ଭରସାରେ ପାକିସ୍ତାନ

ପ୍ରସ୍ତୁତି 'ସକାଳ' ବ୍ୟୁରୋ



# କେମିତି କଟିବ ସପ୍ତାହ

**ମେଷ**
ରବିବାରରେ କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ ଅଧିକାରୀଙ୍କ ସହଯୋଗ ପାଇବେ । ସୋମ,ମଙ୍ଗଳ,ବୁଧବାରରେ ସାମାଜିକ କାର୍ଯ୍ୟରେ ଭାଗନେବେ । ଜୀବନରେ ନୂତନ ଯୋଜନାକୁ ପୂରା କରିବା ପାଇଁ ଚେଷ୍ଟା କରିବେ । ଗୁରୁ, ଶୁକ୍ର,ଶନିବାରରେ ଜୀବନସାଥୀଙ୍କ ସହ ସମ୍ପର୍କ ଭଲ ରହିବ ।

**ବୃଷ**
ରବିବାରରେ ସମସ୍ୟା ବୃଦ୍ଧି ପାଇପାରେ, ବିବାଦରୁ ଦୂରେଇ ରୁହନ୍ତୁ । ସୋମ,ମଙ୍ଗଳ,ବୁଧବାରରେ ସମାଜରେ କୀର୍ତ୍ତି ସ୍ଥାପନ କରିବେ । ନିଜର ଏକ ଅଲଗା ପରିଚୟ ସୃଷ୍ଟି କରିବା ପାଇଁ ସକ୍ଷମ ହେବେ । ଗୁରୁ,ଶୁକ୍ର,ଶନିବାରରେ କର୍ମକ୍ଷେତ୍ରରେ ଅଧିକାରୀମାନଙ୍କ ସହଯୋଗ ପ୍ରାପ୍ତ ହେବ ।

**ମିଥୁନ**
ରବିବାରରେ ସମାଜରେ ମାନସମ୍ମାନ ବୃଦ୍ଧି ପାଇବ । ସୋମ,ମଙ୍ଗଳ,ବୁଧବାରରେ କୌଣସି ନିଷ୍ପତ୍ତି ନେବା ପୂର୍ବରୁ ଅନୁଭବୀ ବ୍ୟକ୍ତିଙ୍କ ପରାମର୍ଶ ଲୋଡ଼ିବେ । ଗୁରୁ,ଶୁକ୍ର,ଶନିବାରରେ ବାଦବିବାଦରେ ପଡ଼ିଯାଇପାରନ୍ତି । ନିଜ ବୁଦ୍ଧି ଓ ବିବେକ ଅନୁସାରେ କାର୍ଯ୍ୟ କରି ସଫଳତା ପାଇବେ ।

**କର୍କଟ**
ରବିବାରରେ ଅର୍ଥ ସମ୍ବନ୍ଧୀୟ ମାମଲାରେ ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ । ସୋମ,ମଙ୍ଗଳ,ବୁଧବାରରେ ଚାକିରି ଓ ବେପାର କ୍ଷେତ୍ରରେ ଲାଭ ମିଳିବ । ଜୀବନରେ କିଛି ନୂତନ ପରିବର୍ତ୍ତନ କରିବା ପାଇଁ ଚେଷ୍ଟା କରିବେ । ଗୁରୁ,ଶୁକ୍ର,ଶନିବାରରେ ଜରୁରି କାମ ପ୍ରତି ଅଧିକ ଧ୍ୟାନ ଦେବେ ।

**ସିଂହ**
ରବିବାରରେ କିଛି ସମସ୍ୟାରେ ଜଡ଼ିତ ରହିବେ । ସୋମ,ମଙ୍ଗଳ,ବୁଧବାରରେ ପରିବାରର ସଦସ୍ୟଙ୍କ ସହ ଆନନ୍ଦଦାୟକ ସମୟ କଟିବ । ଗୁରୁ,ଶୁକ୍ର,ଶନିବାରରେ ଅଟକି ରହିଥିବା କାମ ପୂରଣ ହେବ । ସନ୍ତାନଙ୍କଠାରୁ ଶୁଭ ଖବର ପ୍ରାପ୍ତ ହେବ । ଉଚ୍ଚସ୍ତରରେ ନିଯୁକ୍ତି ପାଇବାର ସୁଯୋଗ ରହିଛି ।

**କନ୍ୟା**
ରବିବାରରେ ପରିଜନଙ୍କ ସ୍ନେହ ଓ ସହଯୋଗ ପ୍ରାପ୍ତ ହେବ । ନୂତନ କଳା କୌଶଳର ଅଧିକାରୀ ହେବେ । ସୋମ, ମଙ୍ଗଳ,ବୁଧବାରରେ ଆର୍ଥିକ ମାମଲାରେ ସାବଧାନ ରୁହନ୍ତୁ । ଗୁରୁ,ଶୁକ୍ର,ଶନିବାରରେ ଜୀବନସାଥୀଙ୍କ ସହ ତାଳମେଳ ଠିକ୍ ରଖିବା ପାଇଁ ପ୍ରୟାସ କରନ୍ତୁ । ସହକର୍ମୀ ଓ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ ।

**ତୁଳା**
ରବିବାରରେ ବିଭିନ୍ନ କ୍ଷେତ୍ରରେ ସଫଳତା ପାଇବେ । ଗୁରୁଜନଙ୍କ ସ୍ୱାସ୍ଥ୍ୟ ଉତ୍ତମ ରହିବ । ସୋମ,ମଙ୍ଗଳ,ବୁଧବାରରେ ଜୀବନରେ ଅକସ୍ମାତ୍ ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିପାରେ । ବ୍ୟବସାୟୀମାନେ ଲାଭବାନ ହେବେ । ଗୁରୁ,ଶୁକ୍ର,ଶନିବାରେ କୌଣସି ପୁରୁଣା ବନ୍ଧୁଙ୍କଠାରୁ ସାହାଯ୍ୟ ପାଇବେ ।

**ବିଛା**
ରବିବାରରେ ମାନସିକ ଶାନ୍ତି ଫେରିପାଇବେ । ପରିବାରର ସହଯୋଗ ଓ ସୁଖ ମିଳିବ । ସୋମ,ମଙ୍ଗଳ,ବୁଧବାରରେ ଶିକ୍ଷା କ୍ଷେତ୍ରରେ ଉନ୍ନତି ହେବ । ସକାରାତ୍ମକ ଚିନ୍ତା ରଖି କାର୍ଯ୍ୟ କରିବେ । ଗୁରୁ,ଶୁକ୍ର,ଶନିବାରରେ ବିଗିଡ଼ି ଯାଇଥିବା କାମ ପୂରଣ ହେବ । କାର୍ଯ୍ୟ ସ୍ଥଳରେ ପଦୋନ୍ନତି ହେବାର ସମ୍ଭାବନା ରହିଛି ।

**ଧନୁ**
ରବିବାରରେ ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ପରେ ମନ ପ୍ରସନ୍ନ ରହିବ । ସୋମ,ମଙ୍ଗଳ,ବୁଧବାରରେ କାର୍ଯ୍ୟ ଶେଷ କରିବା ପାଇଁ ନୂଆ ଯୋଜନା ଚିନ୍ତା କରିବେ । ଜୀବନସାଥୀଙ୍କ ପାଇଁ କିଛି ଖାସ୍ କରିବାକୁ ପ୍ରୟାସ କରିବେ । ଗୁରୁ,ଶୁକ୍ର,ଶନିବାରରେ ନିବେଶ କରିବା ପାଇଁ ସମୟ ଭଲ ରହିବ ।

**ମକର**
ରବିବାରରେ କ୍ରୋଧାନ୍ୱିତ ହେବା ଫଳରେ କାମ ବିଗିଡ଼ି ଯାଇପାରେ । ଜୀବନସାଥୀଙ୍କ ସହ ତାଳମେଳ ଠିକ୍ ରହିବ । ସୋମ,ମଙ୍ଗଳ,ବୁଧବାରରେ କର୍ମକ୍ଷେତ୍ରରେ କୌଣସି ବଡ଼ କାମ ପୂରା କରିବା ପାଇଁ ଅବସର ମିଳିପାରେ । ଗୁରୁ,ଶୁକ୍ର,ଶନିବାରରେ କିଛି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ପାଇଁ ଅଧିକ ସମୟ ଲାଗିବ ।

**କୁମ୍ଭ**
ରବିବାରରେ କାର୍ଯ୍ୟକ୍ଷେତ୍ରରେ ଉନ୍ନତି ହେବା ସହ ବ୍ୟବସାୟରେ ସମସ୍ତ କାମ ପୂରଣ ହେବ । ସୋମ, ମଙ୍ଗଳ, ବୁଧବାରରେ ପରିବାରରେ ଗୁରୁଜନ ତଥା ସନ୍ତାନମାନଙ୍କ ପାଇଁ ଚିନ୍ତିତ ରହିବେ । ଗୁରୁ, ଶୁକ୍ର,ଶନିବାରରେ ଜୀବନରେ କିଛି ଖାସ୍ ପରିବର୍ତ୍ତନ ହୋଇପାରେ । ଅଯଥା ଖର୍ଚ୍ଚରେ ପଡ଼ିପାରନ୍ତି ।

**ମୀନ**
ରବିବାରରେ ବିଭିନ୍ନ ପ୍ରକାର କାର୍ଯ୍ୟରେ ସହ ଜଡ଼ିତ ରହିବେ । ସୋମ, ମଙ୍ଗଳ, ବୁଧବାରରେ ଆଶା ଅନୁସାରେ ଫଳ ପାଇବେ । ମହିଳାଙ୍କ ପାଇଁ ସମୟ ମିଶ୍ରିତ ରହିବ । ଅନ୍ୟ କଥାରେ କାର୍ଯ୍ୟ କରି କଷ୍ଟ ପାଇବେ । ଗୁରୁ,ଶୁକ୍ର,ଶନିବାରରେ ସନ୍ତାନମାନଙ୍କ ପାଇଁ ଚିନ୍ତିତ ରହିବେ । ଉଧାର ଦେଇଥିବା ଅର୍ଥ ଫେରି ପାଇବେ ।

ନନ୍ଦିଘୋଷ ନେଟୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ: ୯୦ - ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯
ଇ-ମେଲ୍ : feature@thesakala.com



# ଏକ ବିଫଳ ରାଷ୍ଟ୍ରର କାଶ୍ମୀର ବିଳାପ

ସମରେନ୍ଦ୍ର ଦାସ
କାର୍ଯ୍ୟନିର୍ବାହୀ ସମ୍ପାଦକ, 'ସକାଳ'

ଭୂ-ରାଜନୈତିକ, କୂଟନୈତିକ, ବାଣିଜ୍ୟ ଓ ପର୍ଯ୍ୟଟନ ଦୃଷ୍ଟିକୋଣରୁ ଏସିଆ ଭୂଖଣ୍ଡରେ ପାକିସ୍ତାନର ଭୌଗୋଳିକ ଅବସ୍ଥିତି ଅନେକ ଗୁରୁତ୍ୱ ବହନ କରେ । ଏହି ଦେଶକୁ ଆଜନ୍ମ ମିଳିଛି ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟଭରା ମନୋରମ ପର୍ଯ୍ୟଟନସ୍ଥଳୀ, ସମୃଦ୍ଧ ଲୋକସଂସ୍କୃତି, ସ୍ୱର୍ଣ୍ଣପ୍ରସୂ କୃଷିକ୍ଷେତ୍ର, ଚିରପ୍ରସବିନୀ ନିର୍ଝରିଣୀ ଓ ବ୍ରିଟିଶ୍ ଅମଳର ସବୁଠାରୁ ଉନ୍ନତ ସେଚପ୍ରଣାଳୀ । ପାକିସ୍ତାନର ରାଷ୍ଟ୍ରନାୟକମାନେ ଯଦି ଏ ସବୁର ଦୂରଦର୍ଶୀ ଉପଯୋଗ କରିଥା'ନ୍ତେ ତେବେ ଦକ୍ଷିଣ-ପଶ୍ଚିମ ଏସିଆର ରାଜନୈତିକ-କୂଟନୈତିକ-ଅର୍ଥନୈତିକ ଚିତ୍ର କିଛି ଭିନ୍ନ ହୋଇଥା'ନ୍ତା । କିନ୍ତୁ ଆଜିର ଦିନରେ ବିଶ୍ୱଦୃଷ୍ଟିରେ ପାକିସ୍ତାନ କେବଳ ଏକ ବିଫଳ ରାଷ୍ଟ୍ରର କୁଖ୍ୟାତି ଅର୍ଜନ କରିଛି । ଯେଉଁ ମୂଳଭୂମି (ଭାରତ) ରୁ ଏହି ଦେଶ ଜନ୍ମ ନେଲା, ତାକୁ ତ ଚିରଶତ୍ରୁ ଦୃଷ୍ଟିରେ ଦେଖିଲା ନିଜେ ମଧ୍ୟ ଦ୍ୱିଖଣ୍ଡିତ ହୋଇଗଲା । ସମଧର୍ମା ପଡ଼ୋଶୀ ଦେଶମାନଙ୍କ ସହିତ ଦ୍ୱିପାକ୍ଷିକ ସମ୍ପର୍କର ଭାଷାକୁ କେବଳ ହିଂସା, ଯୁଦ୍ଧ ଓ ରକ୍ତପାତରେ ସୀମିତ ରଖିଲା । ଭାରତର ଗୋଟିଏ ଦିନ ପୂର୍ବରୁ ସ୍ୱାଧୀନ ହୋଇଥିଲେ ମଧ୍ୟ ପାକିସ୍ତାନ ଆଜି ତୁଳନାତ୍ମକ ଭାବେ କେବଳ ପ୍ରତିରକ୍ଷାକୁ ଛାଡ଼ି ରାଜନୈତିକ, ପ୍ରଶାସନିକ, ସାମାଜିକ, ସାଂସ୍କୃତିକ, ନ୍ୟାୟିକ ଓ ଅର୍ଥନୈତିକ ଆଦି ସବୁକ୍ଷେତ୍ରରେ ବହୁପଛରେ ପଡ଼ିଯାଇଛି । ଅପରପକ୍ଷରେ ଆତଙ୍କବାଦୀଙ୍କୁ ପ୍ରୋତ୍ସାହନ ଓ ଆମେରିକା ଅନୁଦାନ ପାଣ୍ଠିର ଦୁରୁପଯୋଗ କାରଣରୁ ଆମେରିକା ସମେତ ଇସ୍‌ଲାମୀୟ ରାଷ୍ଟ୍ରସମୂହ ଦୃଷ୍ଟିରେ ପାକିସ୍ତାନ କ୍ରମଶଃ ତା'ର ମର୍ଯ୍ୟାଦା ହରାଇ ଚାଲିଛି ।

ପାକିସ୍ତାନ ଆଜି ବିଫଳ ରାଷ୍ଟ୍ର ହେବା ପଛରେ ଯେଉଁ କେତେକ କାରଣ ରହିଛି ସେଥିମଧ୍ୟରୁ ପ୍ରଧାନ ହେଉଛି ସେହି ଦେଶର ତତ୍କାଳୀନ ରାଷ୍ଟ୍ରନାୟକମାନଙ୍କର ଅସ୍ଥିର, ଅବିଶ୍ୱାସ ଓ ବିଦ୍ୱେଷୀ ମାନସିକତା । ପାକିସ୍ତାନକୁ ଏକ ଇସ୍‌ଲାମୀୟ ଧର୍ମଭିତ୍ତିକ ନା ଗଣତାନ୍ତ୍ରିକ ରାଷ୍ଟ୍ର ଭବେ ଗଢ଼ାଯିବ, ସେ ଦ୍ୱନ୍ଦ୍ୱ ଭିତରେ ଦେଶର ସମ୍ବିଧାନକୁ ବାରମ୍ବାର ବଦଳାଯାଇଛି, ଅନେକ ଥର ନିର୍ବାଚିତ ଗଣତାନ୍ତ୍ରିକ ସରକାରକୁ ଭାଙ୍ଗି ସାମରିକ ଶାସନ ଲାଗୁ ହୋଇଛି । ତଥାପି ଆଜି ଯାଏଁ ନିର୍ଦ୍ଦିଷ୍ଟ ଶାସନତନ୍ତ୍ର ରୂପ ନେଇ ପାରିନାହିଁ । ଅଧିକନ୍ତୁ ଏଭଳି ଦ୍ୱନ୍ଦ୍ୱ ଓ ଅସ୍ଥିରତା ଭିତରେ ରାଷ୍ଟ୍ରଗଠନ ପାଇଁ ଅପରିହାର୍ଯ୍ୟ ଆବଶ୍ୟକତା ସାମ୍ବିଧାନିକ ଅନୁଷ୍ଠାନଗୁଡ଼ିକ ମଧ୍ୟ ଦୃଢ଼, ସ୍ଥିର ଓ ସ୍ୱାଧୀନ ହୋଇପାରିନାହିଁ । ଯେତେବେଳେ ଯିଏ କ୍ଷମତାକୁ ଆସିଛି ନିଜକୁ ସୁହାଇବା ଭଳି ନ୍ୟାୟିକ ବ୍ୟବସ୍ଥା, ଅମଲାତନ୍ତ୍ର ଓ ପ୍ରଶାସନିକ ବ୍ୟବସ୍ଥାକୁ ପରିବର୍ତ୍ତନ କରିଛି । ତେଣୁ ରାଷ୍ଟ୍ରଗଠନ ପାଇଁ ନେତା ଓ ଜନତାଙ୍କ ମଧ୍ୟରେ ଯେଉଁ ମୌଳିକ ସମନ୍ୱୟ ପ୍ରତିଷ୍ଠା ହେବା କଥା, ତାହା ପାକିସ୍ତାନରେ ଦୁର୍ବଳ ହୋଇଚାଲିଲା । ଏକଛତ୍ରବାଦୀ ଶାସନ ବ୍ୟବସ୍ଥାରେ ନାଗରିକ ସମାଜ ତା'ର ଗୁରୁତ୍ୱ ହରାଇଲା । ସ୍ୱାଧୀନ ଅଭିବ୍ୟକ୍ତିର କଣ୍ଠରୋଧ ଯୋଗୁଁ ଦେଶ ଓ ଜନତା ପାଇଁ କ'ଣ ଭଲ, କ'ଣ ଖରାପ ଏବଂ ଯୋଜନା ଓ ନୀତିର ସୁଫଳ ଲୋକଙ୍କ ପାଖରେ କେତେ ପହଞ୍ଚିଛି ତାହା ଶାସନତନ୍ତ୍ର ଜାଣିବାର ଅବକାଶ ରହିଲା ନାହିଁ । ଫଳସ୍ୱରୂପ ସେଠାରେ ସାମଗ୍ରିକ ଭାବରେ ଏକ ନୀତିଗତ ସ୍ଥାଣୁତା ସୃଷ୍ଟି ହୋଇ ରାଷ୍ଟ୍ରଗଠନ ପ୍ରକ୍ରିୟାକୁ ଆହୁରି ଅଧୋମୁଖୀ କରିଦେଲା । ଏଥିସହିତ ଶାସନ ଓ ପ୍ରଶାସନରେ ମୌଳବାଦୀ ବିଚାରଧାରା ପ୍ରୟୋଗ ଓ ତୁଙ୍ଗନେତାମାନଙ୍କ ସଂକୀର୍ଣ୍ଣ ମାନସିକତା ଯୋଗୁଁ ସାଂସ୍କୃତିକ ଓ ସାମାଜିକ ବିକାଶ ରୂଢ଼ିବାଦର ବଳୟ ମଧ୍ୟରେ ସୀମିତ ରହିଗଲା ଏବଂ ପଡ଼ୋଶୀ ଦେଶବାସୀଙ୍କ ମଧ୍ୟରେ ପାକିସ୍ତାନବାସୀଙ୍କ ସାଂସ୍କୃତିକ, ସାମାଜିକ ଓ କଳାତ୍ମକ ଭାବ



ବିନିମୟ ସଂକୁଚିତ ହେବାରେ ଲାଗିଲା। ଅଧିକନ୍ତୁ ପାକିସ୍ତାନର ତୁଙ୍ଗ ନେତୃତ୍ୱ ଆରମ୍ଭରୁ ନାଗରିକଙ୍କ ମଧ୍ୟରେ ବିଦ୍ୱେଷ, ବିବାଦ ଓ ବିଭେଦର ଯେଉଁ ମଞ୍ଜି ବୁଣିଥିଲେ ତାହା ଆଭ୍ୟନ୍ତରୀଣ ପ୍ରାଦେଶିକ କନ୍ଦଳର ରୂପ ନେଲା। ଏଥିସହିତ ସୃଷ୍ଟି ହେଲା ସାମାଜିକ ଓ ଅର୍ଥନୈତିକ ବୈଷମ୍ୟ, ଯାହାକୁ ଭାଷାଗତ ଓ ପନ୍ଥବାଦୀ ବୈଷମ୍ୟ ଆହୁରି ଜଟିଳ କରିଦେଲା।

ସ୍ୱାଧୀନତା ପରେ ଭାରତରେ ଜାତୀୟତାର ମନ୍ତ୍ର ଥିଲା 'ବିବିଧତା ମଧ୍ୟରେ ଏକତା'। ଏହି ମନ୍ତ୍ର ବଳରେ ବହୁ ଭାଷାଭାଷୀ, ବହୁ ଧର୍ମ, ବହୁ ଜାତିକୁ ଭାରତ ଗୋଟିଏ ସୂତ୍ରରେ ବାନ୍ଧି ରଖିବାରେ ସକ୍ଷମ ହେଲା। ଅପରପକ୍ଷରେ ମାତ୍ର ୧୦ଟି ଭାଷାଭାଷୀ ଓ ଚାରିଟି ପ୍ରଦେଶ ପଞ୍ଜାବ, ସିନ୍ଧ, ବାଲୁଚିସ୍ତାନ, ଖ୍ୱାଇବର ପଖତନଖ୍ୱା ମଧ୍ୟରେ ଐକ୍ୟ ପ୍ରତିଷ୍ଠା କରି ଜାତୀୟତାବାଦ ସୃଷ୍ଟି କରିବାରେ ପାକିସ୍ତାନ ଆଜି ପର୍ଯ୍ୟନ୍ତ ସଫଳ ହୋଇପାରିଲା ନାହିଁ। ପ୍ରଦେଶ-ପ୍ରଦେଶ ମଧ୍ୟରେ ସମନ୍ୱୟ ଓ ସହଯୋଗର ଅଭାବ ଏବଂ ଶାସନ ପ୍ରଶାସନରେ ପ୍ରତିନିଧିତ୍ୱର ବୈଷମ୍ୟ ଯୋଗୁଁ ଆଭ୍ୟନ୍ତରୀଣ କନ୍ଦଳ ସୃଷ୍ଟି ହେଲା, ଯାହା ଏବେ ଆହୁରି ଉଗ୍ର ହେବାରେ ଲାଗିଛି। ତେଣୁ ବେଲୁଚିସ୍ତାନ ଓ ଗିଲ୍‌ଗିଟ୍ ବାଲ୍‌ଟିସ୍ତାନରେ ବିଭାଜନ ଓ ସ୍ୱତନ୍ତ୍ରତା ଏବଂ ଆଜାଦ କାଶ୍ମୀରବାସୀଙ୍କ ଭାରତ ମିଶ୍ରଣ ସ୍ୱର ଏବେ ସାରା ବିଶ୍ୱରେ ପ୍ରତିଧ୍ୱନିତ ହେଉଛି।

ପାକିସ୍ତାନର ଏଭଳି ଅସ୍ଥିର ଓ ଜଟିଳ ସ୍ଥିତିରେ ନେତୃବୃନ୍ଦଙ୍କ ପାଇଁ ଏକମାତ୍ର ଭରସା ଓ ଆଶ୍ୱାସନାର ମନ୍ତ୍ର ହୋଇଆସିଛି 'କାଶ୍ମୀର'। ପାକିସ୍ତାନ ଜନତାଙ୍କ ଦୃଷ୍ଟିରେ ଯେତେବେଳେ ରାଜନୈତିକ ଓ ସାମରିକ ନେତୃବୃନ୍ଦ ଅଧଃପତନ ହୋଇଛି, ସେମାନେ ତତ୍କାଳ କାଶ୍ମୀର ପ୍ରସଙ୍ଗକୁ ଦେଶାତ୍ମବୋଧର ମନ୍ତ୍ର ଭାବେ ଉଚ୍ଚାରଣ କରିଛନ୍ତି ଓ ସଫଳ ମଧ୍ୟ ହୋଇଛନ୍ତି। ତେଣୁ ୧୯୪୭ ମସିହାରେ ଭାରତ ବିଭାଜନଠାରୁ ୨୦୧୯ରେ ଭାରତୀୟ ସମ୍ବିଧାନରୁ ୩୭୦ ଧାରା ଉଚ୍ଛେଦ ପର୍ଯ୍ୟନ୍ତ ପାକିସ୍ତାନ ରାଜନୀତି ଓ ସାମରିକ ନୀତିକୁ କାଶ୍ମୀର ପ୍ରସଙ୍ଗ ହିଁ ପ୍ରଭାବିତ କରି ଆସିଛି।





'ବ୍ରିଟିଶ୍ ଇଣ୍ଡିଆ'ର ବିଭାଜନ ପରେ କାଶ୍ମୀରର ସାର୍ବଭୌମତ୍ୱକୁ ସମ୍ମାନ ଓ ସ୍ୱୀକୃତି ଦେବା ପାଇଁ ବ୍ରିଟିଶ ସରକାରଙ୍କ ମଧ୍ୟସ୍ଥତାରେ କାଶ୍ମୀର ମହାରାଜା ହରି ସିଂହଙ୍କ ସହ ପାକିସ୍ତାନ ୧୯୪୭ ମସିହାରେ ଏକ ଚୁକ୍ତି ସ୍ୱାକ୍ଷର କରିଥିଲା। କିନ୍ତୁ ଏହାର କିଛିମାସ ପରେ ଚୁକ୍ତି ଉଲ୍ଲଙ୍ଘନ କରି ପାସ୍ତୁନ୍ ଅଧିବାସୀଙ୍କୁ ପ୍ରତ୍ୟକ୍ଷ ପ୍ରୋତ୍ସାହନ ଓ ସହାୟତା ଜରିଆରେ କାଶ୍ମୀର ଉପରେ ପାକିସ୍ତାନ ପ୍ରଥମ ଆକ୍ରମଣ କଲା। ମହାରାଜା ହରି ସିଂହ କାଶ୍ମୀରର ସୁରକ୍ଷା ଦୃଷ୍ଟିରୁ ଭାରତ ସହିତ ମିଶ୍ରଣ ପାଇଁ ଚୁକ୍ତି ସ୍ୱାକ୍ଷର କରିବା ପରେ ଏହାକୁ ହରି ସିଂହଙ୍କ ଉପରେ ଭାରତର ଚାପ ଭାବେ ପାକିସ୍ତାନର ତତ୍କାଳୀନ ନେତାମାନେ ପାକିସ୍ତାନବାସୀଙ୍କ ମନରେ ଭାରତ ବିରୋଧୀ ବିଦ୍ୱେଷ ସୃଷ୍ଟି କଲେ। ଏହାପରେ କାଶ୍ମୀରକୁ ନେଇ ଭାରତ ଓ ପାକିସ୍ତାନ ମଧ୍ୟରେ ପ୍ରଥମ ଯୁଦ୍ଧର ସୂତ୍ରପାତ ହେଲା। କେତେକ ଐତିହାସିକଙ୍କ ମତରେ କାଶ୍ମୀର ବିବାଦର ମୂଳ କାରଣ ଥିଲା ସାର ସାଇରିଲ୍ ରାଡ୍‌କ୍ଲିଫ୍‌ଙ୍କ ଅଧ୍ୟକ୍ଷତାରେ ଗଠିତ 'ସୀମା ଆୟୋଗ'ର ବିଭାଜନ ରେଖା। ଏହି ରେଖାରେ କାଶ୍ମୀର ଉପତ୍ୟକା ଅଞ୍ଚଳରେ ଅନ୍ୟାୟ କରାଯାଇଥିବା ପାକିସ୍ତାନ ଅଭିଯୋଗ ଆଣିଲା ଏବଂ ଆଦିବାସୀଙ୍କୁ ଉସୁକାଇ ପ୍ରଥମ ଆକ୍ରମଣ କଲା। ଏହାପରଠାରୁ ଦୁଇ ଦେଶ ମଧ୍ୟରେ କାଶ୍ମୀର ପ୍ରସଙ୍ଗରେ ୧୯୬୫ରେ (ଅପରେସନ୍ ଜିବ୍ରାଲ୍‌ଟାର) ଏବଂ ୧୯୯୯ରେ କାର୍ଗିଲ୍ ଯୁଦ୍ଧ ହୋଇଛି, ଯେଉଁଥିରେ ପାକିସ୍ତାନକୁ ପରାଜୟ ସ୍ୱୀକାର କରିବାକୁ ପଡ଼ିଛି। ସେହିପରି ଅନେକ ଥର ସୀମାନ୍ତରେ ଗୋଳାବାରୁଦ ବିନିମୟ ହୋଇଛି, ପଠାନକୋଟ ଓ ପୁଲଓ୍ୱାମା ଭଳି ଜଘନ୍ୟ ଆତଙ୍କବାଦୀ ଆକ୍ରମଣ ମଧ୍ୟ ହୋଇଛି। ଏହାର ତତ୍କାଳ ପ୍ରତିକ୍ରିୟା ସ୍ୱରୂପ ଭାରତ ପକ୍ଷରୁ ପାକିସ୍ତାନର ବାଲାକୋଟ୍‌ରେ ସର୍ଜିକାଲ୍ ଷ୍ଟ୍ରାଇକ୍ କରାଯାଇ ପ୍ରାୟ ୩୦୦ ଆତଙ୍କବାଦୀ ଓ ସେମାନଙ୍କ ଆଡ୍ଡାକୁ ଧ୍ୱଂସ କରାଯାଇଛି।

## କାଶ୍ମୀର ପ୍ରସଙ୍ଗର ଅନ୍ତର୍ଜାତୀୟକରଣ

କାଶ୍ମୀର ଉପତ୍ୟତାରେ ପାକିସ୍ତାନର ଅନଧିକାର ହସ୍ତକ୍ଷେପକୁ ବିରୋଧ କରି ୧୯୪୮ରେ ଭାରତ ଜାତିସଂଘରେ ଫେରାଦ ହେବା ପରେ କାଶ୍ମୀର ପ୍ରସଙ୍ଗକୁ ଅନ୍ତର୍ଜାତୀୟ ବିବାଦର ରୂପ ଦେବା ପାଇଁ ପାକିସ୍ତାନକୁ ସୁଯୋଗ ମିଳିଗଲା। ଶୀତଳ ଯୁଦ୍ଧ ସମୟରେ ଆମେରିକାର ପକ୍ଷ ନେଇ ପାକିସ୍ତାନ ଏହି ପ୍ରସଙ୍ଗକୁ ଆହୁରି ତେଜୀୟାନ କଲା। ୧୯୬୧ରେ ଆୟୁବ୍ ଖାନ୍‌ଙ୍କ ଅନୁରୋଧରେ କେନେଡ଼ିଙ୍କଠାରୁ ଆରମ୍ଭ କରି ୨୦୧୯ରେ ଇମ୍ରାନ୍ ଖାନ୍‌ଙ୍କ ଅନୁରୋଧରେ




ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ପର୍ଯ୍ୟନ୍ତ କାଶ୍ମୀର ବ୍ୟାପରରେ ମଧ୍ୟସ୍ଥତା କରିବା ପାଇଁ ଆମେରିକା ବାରମ୍ବାର ଆଗ୍ରହ ପ୍ରକାଶ କରିଛି। ଜାତିସଂଘ ମଧ୍ୟ ଅନେକ ଥର କମିଶନ୍ ଗଠନ କରିଛି ଓ ରିଜୋଲ୍ୟୁସନ୍ ପାରିତ କରିଛି। କିନ୍ତୁ ସମସ୍ୟାର ସମାଧାନ ହୋଇପାରିନାହିଁ। 'ଶିମଲା ଚୁକ୍ତିନାମା' ବିଶ୍ୱ ସମୁଦାୟକୁ ଏହି ସନ୍ଦେଶ ଦେଲା ଯେ ଭବିଷ୍ୟତରେ ଯେକୌଣସି ବିବାଦ ଓ ପ୍ରସଙ୍ଗକୁ ଉଭୟ ଦେଶ ଦ୍ୱିପାକ୍ଷିକ ଆଲୋଚନା ମାଧ୍ୟମରେ ହିଁ ସମାଧାନ କରିବେ। ଏଥିସହିତ ସେତେବେଳେ ପାକିସ୍ତାନରେ ଗଠିତ ଗଣତାନ୍ତ୍ରିକ ସରକାର ଆମେରିକା ମନରେ ଏକ ଧାରଣା ସୃଷ୍ଟି କରିବାରେ ସଫଳ ହେଲା ଯେ ଭାରତ ସହିତ ଯୁଦ୍ଧ ପରିସ୍ଥିତି ସୃଷ୍ଟି ହେବାର ଆଉ ସମ୍ଭାବନା ନାହିଁ। ଏହି ଆଳରେ ଆମେରିକାଠାରୁ ବିପୁଳ ସାମରିକ ଓ ଆର୍ଥିକ ସହାୟତା ପାଇବା ପରେ ପାକିସ୍ତାନର ସାମରିକ ସରକାର ପୁଣି କାଶ୍ମୀର ମୁହାଁ ହେଲା। ଏଥର ଭାରତ ବିରୋଧରେ ସେନା ଦ୍ୱାରା ପ୍ରତ୍ୟକ୍ଷ ଯୁଦ୍ଧ ନୁହେଁ, ବରଂ ଧର୍ମଯୁଦ୍ଧ ବା ଜିହାଦ୍ ମାଧ୍ୟମରେ ଉଗ୍ରମୌଳବାଦୀ ଓ ଜିହାଦୀ(ଧର୍ମଯୋଦ୍ଧା)ମାନଙ୍କୁ ନିୟୋଜିତ କରି ଛାୟାଯୁଦ୍ଧ ଜାରି ରଖିବାକୁ ଷଡ଼ଯନ୍ତ୍ର ରଚନା କଲା। ଆଫ୍‌ଗାନିସ୍ତାନ ଆତଙ୍କବାଦୀଙ୍କ ମୁକାବିଲା ପାଇଁ ଆମେରିକାଠାରୁ ପାଇଥିବା ଆର୍ଥିକ ଓ ସାମରିକ ସହାୟତାକୁ ପାକିସ୍ତାନ ନିଜ ପ୍ରାୟୋଜିତ ଆତଙ୍କବାଦୀଙ୍କ ଜରିଆରେ ଭାରତ ବିରୋଧରେ ପ୍ରୟୋଗ କଲା। ୧୯୮୮ରୁ ପାକିସ୍ତାନର ରାଷ୍ଟ୍ରୀୟ ନୀତିରେ କାଶ୍ମୀର ଏକ ମୁଖ୍ୟ ପ୍ରସଙ୍ଗ ହୋଇ ଏହାର ପ୍ରତ୍ୟକ୍ଷ ପରିଚାଳନା ସେନା ହାତରେ ରହିଲା। ଏହାପରେ ପାକିସ୍ତାନର ରାଜନୈତିକ ନେତୃବୃନ୍ଦ ନିର୍ବାଚନରେ ଜନମତ ଓ ସେନାର ସମର୍ଥନ ହାସଲ ପାଇଁ କାଶ୍ମୀରକୁ ମୁଖ୍ୟ ପ୍ରସଙ୍ଗ କରିବାରେ ସଫଳ ହେଲେ। ଅପରପକ୍ଷରେ ବିଶ୍ୱ ମାନବାଧିକାର କ୍ଷେତ୍ରରେ କାର୍ଯ୍ୟରତ ଆମ୍‌ନେଷ୍ଟି ଇଣ୍ଟରନ୍ୟାଶ୍‌ନାଲ୍ ସମେତ ୟୁରୋପର କେତେକ ମାନବାଧିକାର ସଂଗଠନ ଭାରତ ସରକାରଙ୍କ ଦ୍ୱାରା ଜାମ୍ମୁକାଶ୍ମୀରେ ମାନବାଧିକାର ଉଲ୍ଲଙ୍ଘନ ହେଉଥିବା ଅଭିଯୋଗ ଆଣିବା ପରେ ପାକିସ୍ତାନ ଏହାକୁ ମୁଖ୍ୟ ପ୍ରସଙ୍ଗ କରି ବିଶ୍ୱ ସମୁଦାୟର କାଶ୍ମୀର ପ୍ରତି ଦୃଷ୍ଟି ଆକର୍ଷଣ କରିବାରେ ସକ୍ଷମ ହେଲା। କିନ୍ତୁ ୨୦୦୧ ସେପ୍ଟେମ୍ବର ୧୧ ଭାରତୀୟ ସଂସଦ ଭବନ ଉପରେ ଆତଙ୍କବାଦୀ ଆକ୍ରମଣ ଘଟଣା ପରେ ପାକିସ୍ତାନର କାଶ୍ମୀର ନୀତିକୁ ଏକ ଶକ୍ତ ଧକ୍କା ଲାଗିଲା। ଏହି ଘଟଣା ବିଶ୍ୱଦୃଷ୍ଟିରେ ପାକିସ୍ତାନକୁ ନିନ୍ଦିତ କଲା ଏବଂ ଆନ୍ତର୍ଜାତିକସ୍ତରରେ ପାକିସ୍ତାନର କାଶ୍ମୀର ବିଳାପ ଗୁରୁତ୍ୱ ହରାଇଲା। ଅବଶେଷରେ କାଶ୍ମୀରର ବାସ୍ତବ ସ୍ଥିତି ବିଷୟରେ ଅବଶିଷ୍ଟ ବିଶ୍ୱକୁ ଅବଗତ କରିବାରେ ଭାରତୀୟ କୂଟନୀତି ସଫଳ ହେଲା। କ୍ରମଶଃ ୨୦୧୯ରେ ଭାରତୀୟ ସମ୍ବିଧାନରୁ ୩୭୦ ଧାରା ଉଚ୍ଛେଦ ପରେ କାଶ୍ମୀର ଉପତ୍ୟକାରେ ଆରମ୍ଭ ହୋଇଥିବା ବିକାଶର ନୂଆ ଆଲୋକକୁ ସାରା ବିଶ୍ୱ ଦେଖିପାରିଲା।

## ନିଷ୍ଫଳ ରାଜିନାମା









କାଶ୍ମୀର ପ୍ରସଙ୍ଗକୁ ନେଇ ଭାରତ ଓ ପାକିସ୍ତାନ ମଧ୍ୟରେ ପ୍ରଥମ ଥର ପାଇଁ ୧୯୬୫ରେ ରୁଷ ମଧ୍ୟସ୍ଥତାରେ ଲାଲବାହାଦୁର ଶାସ୍ତ୍ରୀ-ଆୟୁବ୍ ଖାନ୍‌ଙ୍କ ମଧ୍ୟରେ ତାସ୍‌କେଣ୍ଟ ଚୁକ୍ତି ସ୍ୱାକ୍ଷର ହେଲା। ଏହାପରେ ୧୯୭୨ରେ ଇନ୍ଦିରା ଗାନ୍ଧୀ-ଜୁଲ୍‌ଫିକର ଅଲି ଭୁଟ୍ଟୋଙ୍କ ମଧ୍ୟରେ ଶିମ୍‌ଲା ଚୁକ୍ତିନାମା ସ୍ୱାକ୍ଷର ହୋଇ ଲାଇନ୍ ଅଫ୍ କଣ୍ଟ୍ରୋଲ୍ (ଏଲ୍‌ଓସି) ନିର୍ଣ୍ଣୟ ହେଲା। ୧୯୯୯ରେ ବାଜପେୟୀ-ଶରିଫ୍ ଲାହୋର ଶାନ୍ତି କଥାବାର୍ତ୍ତା, ୨୦୦୧ରେ ବାଜପେୟୀ-ମୁସାରଫ୍ ଆଗ୍ରା ଆଲୋଚନା ସମେତ ଅନେକ ଥର କାଶ୍ମୀର ସୀମାନ୍ତରେ ଭାରତ-ପାକିସ୍ତାନ ସେନା ମଧ୍ୟରେ ଅସ୍ତ୍ରବିରତି ଚୁକ୍ତି ହୋଇଛି। ତଥାପି ସମସ୍ୟା ଅଦ୍ୟାବଧି ଅସମାହିତ ରହିଛି।



# ଅସ୍ଥିର ପଡ଼ୋଶୀ ପାକିସ୍ତାନ



କମଳାକାନ୍ତ ଦାଶ

ପାକିସ୍ତାନ ଏବେ ଅସହାୟ, ଅସୁରକ୍ଷିତ ଓ ଅବ୍ୟବସ୍ଥିତ । ଏହି ଦେଶର ନେତୃତ୍ୱ ଏହାକୁ ଏକ 'ବିଫଳ ରାଷ୍ଟ୍ର'ରେ ପରିଣତ କରିବାକୁ ଦୌଡ଼୍ ଲଗାଇ ଦେଇଛନ୍ତି । ଭାରତ ସହ ସ୍ୱାଧୀନ ହୋଇଥିବା ଏହି ଦେଶକୁ ୭୭ ବର୍ଷ ପରେ ମଧ୍ୟ ବିଶ୍ୱସ୍ତରରେ ନିଜସ୍ୱ ଏକ ପରିଚୟ ମିଳିପାରି ନାହିଁ । ଭାରତ ସହ ସର୍ବଦା ଶତ୍ରୁତା ରଖି ଆସିଥିବା ଏହି ଦେଶ ଯଦି ବିଫଳ ହୁଏ, ତେବେ କ'ଣ ପ୍ରଭାବ ପଡ଼ିବ ଭାରତ ଉପରେ, ଦକ୍ଷିଣ ଏସିଆ ଉପ-ମହାଦେଶ ଉପରେ ଏବଂ ସାରାବିଶ୍ୱରେ? ପାକିସ୍ତାନ ଏକ ପରମାଣୁ ଶକ୍ତିସମ୍ପନ୍ନ ରାଷ୍ଟ୍ର । ଯାହାର ବିଫଳତା ବିଶ୍ୱ ପାଇଁ ଅଗ୍ରହଣୀୟ । କିନ୍ତୁ ସମାଧାନ କ'ଣ? ସମାଧାନର ରାସ୍ତା ନିଜ ଦେଶ ଭିତରୁ ହିଁ ବାହାର କରିବାକୁ ପଡ଼ିବ । ପାକିସ୍ତାନ କ'ଣ ଏହି ଆହ୍ୱାନର ଠିକଣା ଜବାବ ଦେଇପାରିବ ନା ଏକ ନଷ୍ଟକାରୀ ଶକ୍ତି ଭାବରେ ଦକ୍ଷିଣ-ଏସିଆ, ମଧ୍ୟ-ପ୍ରାଚ୍ୟ ତଥା କେନ୍ଦ୍ରୀୟ-ଏସିଆକୁ ନକାରାତ୍ମକ ପ୍ରଭାବରେ ଛନ୍ଦି ଦେବ ?




ଛବିଶ କୋଟି ଜନସଂଖ୍ୟା ବିଶିଷ୍ଟ ଏହି ଦେଶର ଅର୍ଥନୀତି, ରାଜନୀତି, ସମାଜନୀତି, ବିକାଶ ନୀତି ତଥା ବିଦେଶ ନୀତି ଆଜି ଏହାର ନାଗରିକଙ୍କୁ ହତାଶ କରିଛି । ଭାରତ ବିରୁଦ୍ଧରେ ବିଷ ଉଦ୍‌ଗାରିବା ସହ ଆତଙ୍କବାଦକୁ ଅସ୍ତ୍ର କରି ଦୀର୍ଘ ତିନି ଦଶକରୁ ଊର୍ଦ୍ଧ୍ୱ ସମୟ ଧରି ଭାରତ ସହ ପ୍ରତ୍ୟକ୍ଷ ଓ ପରୋକ୍ଷ ଯୁଦ୍ଧ କରିଚାଲିଛି । ସବୁଥିରେ ହାରିଛି ଓ ଲଜ୍ଜିତ ମଧ୍ୟ ହୋଇଛି । ଦୁଇ ଧର୍ମ ଓ ଦୁଇ ରାଷ୍ଟ୍ର (ବା ଟୁ ନେସନ ସିଦ୍ଧାନ୍ତ) ନୀତିରେ ମୁସଲିମମାନଙ୍କ ପାଇଁ ଏକ ନୂଆ ରାଷ୍ଟ୍ର ଗଠନ କରିବାରେ ଯଦିଓ ଜିନ୍ନା ସଫଳ ହୋଇଥିଲେ, ବ୍ରିଟିଶ ଚକ୍ରାନ୍ତକାରୀଙ୍କ ସହାଯୋଗରେ ପୂର୍ବ-ପାକିସ୍ତାନର ବଙ୍ଗଳା ଭାଷାଭାଷୀ ମୁସଲିମ ସମୁଦାୟଙ୍କୁ ଦ୍ୱିତୀୟ ଶ୍ରେଣୀ ନାଗରିକ ଭବେ ଗଣନା କରି, ପାକିସ୍ତାନ ଭିତରୁ ବାଂଲାଦେଶର ବିଚ୍ଛେଦ ଏବଂ ଏକ ନୂଆ ରାଷ୍ଟ୍ରର ଉତ୍ପତ୍ତିକୁ ଅଟକାଇ ପାରିନଥିଲେ । ବାଂଲାଦେଶରେ ପାକିସ୍ତାନୀ ସେନା ଦ୍ୱାରା ନରସଂହାର ତାହାର ନେତୃତ୍ୱ ଏବଂ ସାମରିକ ବାହିନୀ ଉପରେ ଏକ ଅଲିଭା ଐତିହାସିକ କଳଙ୍କ ।

ପାକିସ୍ତାନ ନିନ୍ଦିତ ହୋଇଛି ଏହାର ନେତୃତ୍ୱଙ୍କ ଅନ୍ଧ ଭାବରେ ନେଉଥିବା ନିଷ୍ପତ୍ତି ପାଇଁ । ଓସାମା ବିନ୍ ଲାଦେନ୍‌କୁ ଲୁଚାଇ ରଖିବାଠାରୁ ଆରମ୍ଭ କରି ଦାଉଦ୍ ଇବ୍ରାହିମ୍‌କୁ ଶରଣ ଦେବା, ଜାତିସଂଘ ଦ୍ୱାରା ନିଷିଦ୍ଧ ସଂସ୍ଥା ତଥା କୁଖ୍ୟାତ ଆତଙ୍କବାଦ ସଂଗଠନ ଓ ଆତଙ୍କବାଦୀମାନଙ୍କୁ ସୁରକ୍ଷା ଦେବା, ଭାରତର କାଶ୍ମୀରକୁ ତଥା ଅନ୍ୟ ଅଞ୍ଚଳକୁ ଆତଙ୍କବାଦୀ ପଠାଇ ସାଧାରଣ ଜନତା ତଥା ସାମରିକ ଶିବିର ଉପରେ ଆକ୍ରମଣ କରିବା ଆଦି ପାକିସ୍ତାନର ସେନାବାହିନୀ, ଗୁଇନ୍ଦା ସଂସ୍ଥା ଆଇଏସ୍‌ଆଇ ତଥା ରାଜନୈତିକ ନେତୃବୃନ୍ଦଙ୍କୁ ବିଶ୍ୱସ୍ତରରେ ବଦନାମ କରିଛି । କେହି ଭୁଲି ନାହାନ୍ତି ମୁମ୍ବାଇରେ ପାକିସ୍ତାନ ପ୍ରୋତ୍ସାହନରେ କସାବ ଆଉ ତା'ର ସାଥୀମାନଙ୍କ ୨୬/୧୧ ର ଆକ୍ରମଣ ।

ଏବେ ପାକିସ୍ତାନ ଗଭୀର ଆର୍ଥିକ ସଙ୍କଟମୁହାଁ ହୋଇଛି । ଆର୍ଥିକ ଅସ୍ଥିରତା ପାକିସ୍ତାନର ବିକାଶ ଏବଂ ସମୃଦ୍ଧି ପାଇଁ ଏକ ଗୁରୁତର ସମସ୍ୟା ହୋଇ ଠିଆ ହୋଇଛି । ଉଚ୍ଚ ମୁଦ୍ରାସ୍ଫୀତି (ପ୍ରାୟ ୨୫%-୩୦%), ବେକାରୀ, ଚିନ୍ତାଜନକ ଋଣଭାର ଏବଂ ଅର୍ଥନୈତିକ ଅଭିବୃଦ୍ଧି ୨% କୁ ହ୍ରାସ ପାଇଥିବାରୁ ସେ ଦେଶର ଅର୍ଥନୈତିକ ସ୍ଥିତି ସଙ୍କଟଜନକ ହୋଇସାରିଲାଣି । ଦୁର୍ବଳ ଭିତ୍ତିଭୂମି, ଶକ୍ତି ସଙ୍କଟ ଏବଂ ନିମ୍ନମାନର ମାନବ ସମ୍ବଳ ବିକାଶ ଆଦି ସେ ଦେଶର ଅର୍ଥନୈତିକ ଅଭିବୃଦ୍ଧି ଓ ନିବେଶକୁ ବାଧା ଦେଉଛି । ଦେଶର ଦାରିଦ୍ର୍ୟ ସୀମାରେଖା



ତଳେ ଥିବା ସମାଜକୁ ଉଚ୍ଚ ଦରଦାମର କୁପ୍ରଭାବ ସହିବାକୁ ପଡୁଛି । ଅନେକ ଲୋକ ନିହାତି ଆବଶ୍ୟକ ମୌଳିକ ଖାଦ୍ୟ ବସ୍ତୁ ଏବଂ ବିଦ୍ୟୁତ୍ ବିଲ୍ ଦେବାକୁ ଅସମର୍ଥ ହୋଇପଡୁଛନ୍ତି । ଏହି ଆର୍ଥିକ ଆହ୍ୱାନଗୁଡ଼ିକର ମୁକାବିଲା ପାଇଁ ଅର୍ଥ ବ୍ୟବସ୍ଥାପନା, ରାଜସ୍ୱ ଉତ୍ପାଦନ ବୃଦ୍ଧି, ରପ୍ତାନୀ-ଭିତ୍ତିକ ଅର୍ଥନୈତିକ ଅଭିବୃଦ୍ଧିକୁ ପ୍ରୋତ୍ସାହନ ଏବଂ ବିଦେଶୀ ପୁଞ୍ଜି ନିବେଶକୁ ଆକର୍ଷଣ କରିବାକୁ ପଡ଼ିବ ଏବଂ ସେଥିପାଇଁ ସମ୍ପୂର୍ଣ୍ଣ ଆର୍ଥିକ ସଂସ୍କାରର ଆବଶ୍ୟକତା ପଡ଼ିବ । କିନ୍ତୁ ପାକିସ୍ତାନର ଆଭ୍ୟନ୍ତରୀରଣ ସମସ୍ୟା ଏବଂ ରାଜନୈତିକ ଅସ୍ଥିରତା ଏହି ଆହ୍ୱାନଗୁଡ଼ିକୁ ଆହୁରି ତୀବ୍ର କରୁଛି ।











## ■ ଆଭ୍ୟନ୍ତରୀଣ ସୁରକ୍ଷା

ପାକିସ୍ତାନରେ ବୃଦ୍ଧି ପାଉଥିବା ଆତଙ୍କବାଦ ସେଠାକାର ଆଭ୍ୟନ୍ତରୀଣ ସୁରକ୍ଷା ପାଇଁ ସବୁଠୁ ବଡ଼ ଆହ୍ୱାନ । ଆତଙ୍କବାଦ ମୁକାବିଲା ପାଇଁ ସେଠାକାର ସରକାରଙ୍କ ଶତଚେଷ୍ଟା ସତ୍ତ୍ୱେ ତେହେରିକ-ଇ-ତାଲିବାନ ପାକିସ୍ତାନ (ଟିଟିପି) ଏବଂ ଅନ୍ୟାନ୍ୟ ଛୋଟ ଛୋଟ ବିଭିନ୍ନ ସନ୍ତ୍ରାସବାଦୀ ଗୋଷ୍ଠୀ କେତେକ ଅଞ୍ଚଳରେ ଆତଙ୍କବାଦୀ କାର୍ଯ୍ୟକଳାପ ଜାରି ରଖିଛନ୍ତି, ଯାହା ସାଧାରଣ ନାଗରିକ ତଥା ଦେଶର ସରକାରୀ ତଥା ବେସରକାରୀ ଅନୁଷ୍ଠାନମାନଙ୍କ ପ୍ରତି ବିପଦ ସୃଷ୍ଟି କରୁଛି । ଆଫଗାନିସ୍ତାନ ସହିତ ମୁକ୍ତ ସୀମା ଏହି ସମସ୍ୟାକୁ ଆହୁରି ବଢ଼ାଇ ଦେଇଛି, ଯାହାଦ୍ୱାରା ଆତଙ୍କବାଦୀମାନେ ସୀମା ପାର ହୋଇ ସହଜରେ ପାକିସ୍ତାରେ ହିଂସା ଭିଆଇ ଫେରି ଯାଉଛନ୍ତି । ଏଥିସହ, ବାଲୁଚିସ୍ତାନ ଏବଂ ଖାଇବର ପଖତ୍ୱନଖା ପରି ଅଞ୍ଚଳରେ ଆଭ୍ୟନ୍ତରୀଣ ଅସ୍ଥିରତା ଦେଶର ସୁରକ୍ଷା ପରିସ୍ଥିତିକୁ ଆହୁରି ଜଟିଳ କରିଚାଲିଛି । ଏହାର ମୁକାବିଲା ପାଇଁ ପାକିସ୍ତାନୀ ସେନାବାହିନୀ, ସୁରକ୍ଷା ଓ ପୁଲିସ ସଂସ୍ଥା ଆଦିଙ୍କୁ ସଦାସର୍ବଦା ଯୁଦ୍ଧ ଭଳି ପରିସ୍ଥିତିକୁ ସମ୍ମୁଖୀନ ହେବାକୁ ପଡୁଛି । ୨୦୨୩ରେ ପାକିସ୍ତାନରେ ଆତଙ୍କବାଦୀ ଆକ୍ରମଣ ସାଂଘାତିକ ସ୍ତରରେ ପହଞ୍ଚିଛି । ଗତ ବର୍ଷ ଆତଙ୍କବାଦୀ ଆକ୍ରମଣରେ ପ୍ରାୟ ୪୦୦ ସାଧାରଣ ନାଗରିକ ଏବଂ ୫୫୦ ସୁରକ୍ଷା କର୍ମୀ ନିହତ ହୋଇଛନ୍ତି ।





## ■ ରାଜନୈତିକ ଅସୁରକ୍ଷିତତା

ଶାହବାଜ ଶରିଫ୍‌ଙ୍କ ନେତୃତ୍ୱରେ ପାକିସ୍ତାନରେ ନୂଆ ସରକାର ଗଠନ ହୋଇଛି । କିନ୍ତୁ ଜନସମର୍ଥନର ଅଭାବ ଥିବାରୁ ସେହି ସରକାର କେତେ ଦିନ ତିଷ୍ଠିବ, ତାହା କହିହେବ ନାହିଁ । ଲୋକପ୍ରିୟ ନେତା ଏବଂ ପୂର୍ବତନ କ୍ରିକେଟ ଅଧିନାୟକ ଇମ୍ରାନ ଖାଁ ଆଜି ଜେଲରେ, କିନ୍ତୁ ତାଙ୍କ ସମର୍ଥିତ ପ୍ରାର୍ଥୀମାନେ ଗତ ନିର୍ବାଚନରେ ଆଶାତୀତ ସଫଳତା ହାସଲ କରିଛନ୍ତି । ନିର୍ବାଚରେ ଓ ନିର୍ବାଚିତ ସରକାର ପରିଚାଳନାରେ ସେନା ବାହିନୀର ମୁଖ୍ୟ ଭୂମିକା ରହୁ ଥିବାରୁ ପ୍ରକୃତ ଜନମଙ୍ଗଳକାରୀ ଗଣତନ୍ତ୍ରର ବିକାଶ ହୋଇପାରୁନାହିଁ । ଏଥିସହ, କେନ୍ଦ୍ର ଏବଂ ପ୍ରାଦେଶିକ ସରକାରଗୁଡ଼ିକ ମଧ୍ୟରେ ତିକ୍ତତା, ବିଶେଷକରି ସିନ୍ଧ ଏବଂ ବାଲୁଚିସ୍ତାନ ଭଳି ପ୍ରଦେଶରେ ମିଳିତ ଜାତୀୟ ନୀତି ତଥା ବିକାଶମୂଳକ ପଦକ୍ଷେପକୁ କାର୍ଯ୍ୟକାରୀ କରିବାରେ ବହୁ ବାଧା ଦେଖା ଦେଇଛି ।

## ଚିରନ୍ତନ ବିକାଶ ଲକ୍ଷ୍ୟ

ଜଳବାୟୁ ପରିବର୍ତ୍ତନ, ଦ୍ରୁତ ସହରୀକରଣ ଏବଂ ଅସ୍ଥାୟୀ କୃଷି ପଦ୍ଧତି ଦ୍ୱାରା ପାକିସ୍ତାନ ମଧ୍ୟ ଜଳର ଅଭାବ ଏବଂ ପରିବେଶ ପ୍ରଦୂଷଣର ସମ୍ମୁଖୀନ ହୋଇଛି । କୃଷି ଉତ୍ପାଦନ ହ୍ରାସ ଏବଂ ଖାଦ୍ୟାଭାବ ଯୋଗୁଁ ବଞ୍ଚିବାର ପ୍ରତିଯୋଗିତା ବୃଦ୍ଧି ପାଇଛି । ଖାଦ୍ୟ ଏବଂ କୃଷି ସଂଗଠନର ତଥ୍ୟ ଅନୁଯାୟୀ, ପାକିସ୍ତାନର ପ୍ରାୟ ୧୮% ଲୋକ ପୁଷ୍ଟିହୀନ । ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ରିପୋର୍ଟ ଅନୁଯାୟୀ ଅପପୁଷ୍ଟି ପାଇଁ ପାଞ୍ଚ ବର୍ଷରୁ କମ୍ ପିଲାଙ୍କ ମଧ୍ୟରୁ ୩୬% ସ୍ୱାଭାବିକ ଶାରୀରିକ ବିକାଶ ଜନିତ ସମସ୍ୟରେ ପୀଡ଼ିତ । ଦେଶର ପ୍ରାୟ ୩୮% ଶ୍ରମିକଙ୍କୁ ନିୟୋଜିତ କରୁଥିବା କୃଷି କ୍ଷେତ୍ର ଅନେକ ସମସ୍ୟା ଦେଇ ଗତି କରୁଛି । ଜଳବାୟୁ ପରିବର୍ତ୍ତନ ଫଳରେ ଫସଲ ଅମଳ ଏବଂ ପଶୁପାଳନ ଉତ୍ପାଦନ ମଧ୍ୟ ହ୍ରାସ ହୋଇଛି । ପାକିସ୍ତାନର ପ୍ରାୟ ୨୪% ଜନସଂଖ୍ୟା ଦାରିଦ୍ର୍ୟ ସୀମାରେଖା ତଳେ ବାସ କରନ୍ତି । ଆର୍ଥିକ ପ୍ରତିବନ୍ଧକ ଯୋଗୁଁ ପୁଷ୍ଟିକର ଖାଦ୍ୟରେ ସୀମିତ ସୁବିଧା ରହିଥାଏ ।









## ପାକିସ୍ତାନ-ଆମେରିକା ସମ୍ପର୍କ

ପାକିସ୍ତାନ-ଆମେରିକା ସମ୍ପର୍କ ରଣନୀତିକ ସହଯୋଗିତା ଏବଂ ପାରସ୍ପରିକ ଅବିଶ୍ୱାସର ଏକ ଭୂମିକା ଗ୍ରହଣ



କରିଛି । ପ୍ରଥମେ ଶୀତଳ ଯୁଦ୍ଧ ପରିପ୍ରେକ୍ଷୀରେ ଗଠିତ ଏହି ଦ୍ୱିପାକ୍ଷିକ ସମ୍ପର୍କ ଆତଙ୍କବାଦ ଏବଂ ପାକିସ୍ତାନର ଆଣବିକ କାର୍ଯ୍ୟକ୍ରମ ଯୋଗୁଁ ଏବେ ଦ୍ୱନ୍ଦ୍ୱରେ । ୨୦୧୧ରେ ଇସଲାମାବାଦର ସମ୍ମତି ବିନା ପାକିସ୍ତାନୀ ମାଟିରେ ଓସାମା ବିନ୍ ଲାଦେନକୁ ହତ୍ୟା କରିବା ତଥା ପାକିସ୍ତାନର ଚୀନ ସହ ସୁସମ୍ପର୍କକୁ ନେଇ ଦୁଇ ଦେଶ ମଧ୍ୟରେ ସମ୍ପର୍କ ଅଧିକ ତିକ୍ତ ହୋଇଛି ଏବଂ ସହଯୋଗର ଭବିଷ୍ୟତ ବିଷୟରେ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଆମେରିକା ପାକିସ୍ତାନକୁ ଛାଡ଼ି ଏବେ ଭାରତ ସହ ମଧ୍ୟ ଭଲ ସମ୍ପର୍କ ବଢ଼ାଇଛି ।

## ପାକିସ୍ତାନ-ଆଫଗାନିସ୍ତାନ ସମ୍ପର୍କ

ଆଫଗାନିସ୍ତାନ ସହ ପାକିସ୍ତାନର ସମ୍ପର୍କ ଏବେ ବହୁ ଜଟିଳ । ଏହି ସମ୍ପର୍କ ସୀମା ବିବାଦ, ଆଭ୍ୟନ୍ତରୀଣ ସୁରକ୍ଷା ଚିନ୍ତା ଏବଂ ଆଫଗାନିସ୍ତାନ ଶରଣାର୍ଥୀ ସଙ୍କଟ ଦ୍ୱାରା ବହୁ ମାତ୍ରାରେ କ୍ଷତିଗ୍ରସ୍ତ ହୋଇଛି । ଆଫଗାନିସ୍ତାନ ଶାନ୍ତି ପ୍ରକ୍ରିୟାରେ ପାକିସ୍ତାନର ଭୂମିକା ଏବଂ ତାଲିବାନକୁ ସମର୍ଥନ କରିବା ମଧ୍ୟ ବିବାଦର ବିଷୟ ହୋଇଛି । ଆଫଗାନିସ୍ତାନର ସ୍ଥିରତା, ତାଲିବାନ ସହ ସମ୍ପର୍କ ଏବଂ ଉଭୟ ଦେଶରେ ଆଭ୍ୟନ୍ତରୀଣ ସୁରକ୍ଷା ଆଦି ପାକିସ୍ତାନ ପାଇଁ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ ହୋଇ ଠିଆ ହୋଇଛନ୍ତି ।

## ପାକିସ୍ତାନ-ଚୀନ୍ ସମ୍ପର୍କ

ଚୀନ୍ ସହିତ ପାକିସ୍ତାନର ସମ୍ପର୍କ ଏହାର ବୈଦେଶିକ ନୀତିର ଏକ ମୂଳଦୁଆ ହୋଇଛି, ଯାହା ପାରସ୍ପରିକ ବିଶ୍ୱାସ ଏବଂ ସହଯୋଗ ଉପରେ ପର୍ଯ୍ୟବସିତ । ଏଥିରେ ଭାରତ ସହ ଉଭୟ ଦେଶଙ୍କ ଶତ୍ରୁତା ମଧ୍ୟ ଏକ ମୁଖ୍ୟ କାରଣ । ପାକିସ୍ତାନ ଚାଇନାର ବେଲ୍ଟ ଆଣ୍ଡ ରୋଡ୍ ତଥା ଚାଇନା-ପାକିସ୍ତାନ ଇକୋନୋମିକ୍ କରିଡର (ସିପିଇସି) ରେ ମୁଖ୍ୟ ଅଂଶୀଦାର । ଏହି ସହଯୋଗ ପାକିସ୍ତାନକୁ ଗୁରୁତ୍ୱପୂର୍ଣ୍ଣ ଅର୍ଥନୈତିକ ଏବଂ ଭିତ୍ତିଭୂମି ସମ୍ବନ୍ଧୀୟ ସହାୟତା ପ୍ରଦାନ କରୁଥିବାବେଳେ ଚୀନ୍‌କୁ ଦକ୍ଷିଣ-ଏସିଆରେ ଏକ ରଣନୀତିକ ସ୍ଥାନ ହାସଲ କରାଇବାରେ ସହଯୋଗ କରିଛି । ପାକିସ୍ତାନରେ ଋଣ ନିର୍ଭରଶୀଳତାକୁ ନେଇ ଚିନ୍ତା ଥିବା ସତ୍ତ୍ୱେ ଆଞ୍ଚଳିକ ସ୍ଥିରତା ଏବଂ ଆର୍ଥିକ ବିକାଶରେ ଚୀନର ଭୂମିକାକୁ ଦେଶର ସରକାର ବିନା ସର୍ତ୍ତରେ ଗ୍ରହଣ କରିଛନ୍ତି । ଚୀନ ସମର୍ଥନ ଥିବା ସତ୍ତ୍ୱେ ପାକିସ୍ତାନ ଭାରତକୁ କାଶ୍ମୀରରୁ ୩୭୦ ହଟାଇବା ଯୋଗୁଁ ବିଶ୍ୱସ୍ତରରେ ଯେଉଁ ବଦନାମ କରିବାକୁ ଚେଷ୍ଟା କରିଥିଲା, ସେଥିରେ ସମ୍ପୂର୍ଣ୍ଣ ବିଫଳ ହୋଇଛି ।


## ପାକିସ୍ତାନ-ଇରାନ

ସାମ୍ପ୍ରଦାୟିକ ଅସଦ୍‌ଭାବ, ସୀମା ସୁରକ୍ଷା ପ୍ରସଙ୍ଗ ଏବଂ ଭିନ୍ନ ଆଞ୍ଚଳିକ ସମସ୍ୟା କାରଣରୁ ପାକିସ୍ତାନ ଏବଂ ଇରାନ ସମ୍ପର୍କରେ ଏବେ ଘୋର ତିକ୍ତତା ଆସିଛି । ନିକଟରେ ଉଭୟ ଦେଶ ଯୁଦ୍ଧ ପାଇଁ ମୁହାଁମୁହିଁ ହୋଇଥିଲେ । ବାଲୁଚିସ୍ତାନକୁ ନେଇ ବିବାଦ ସୃଷ୍ଟି ହୋଇଛି । ସାଉଦି ଆରବ ଏବଂ ଆମେରିକା ସହିତ ଥିବା ସମ୍ପର୍କ ସହିତ ଏହି ଇରାନ ସମ୍ପର୍କକୁ ସନ୍ତୁଳନ କରିବା ପାକିସ୍ତାନ ପାଇଁ ସହଜ ହେଉ ନାହିଁ ।

## ■ ପାକିସ୍ତାନର କାଶ୍ମୀର ନୀତି

କାଶ୍ମୀରବାସୀଙ୍କ ପାଇଁ ଆତ୍ମନିର୍ଭରଶୀଳ ହେବାର ଅଧିକାରକୁ ସମର୍ଥନ ଦେବା ପାଇଁ ପାକିସ୍ତାନର କାଶ୍ମୀର ନୀତି ଅନ୍ତର୍ଜାତୀୟ ସ୍ତରରେ ସମର୍ଥନ ହାସଲ କରିବାରେ ବିଫଳ ହୋଇଛି । ଏହା ପାକିସ୍ତାନ ପାଇଁ ସବୁଠୁ ବଡ଼ କୂଟନୈତିକ ବିଫଳତା । ପାକିସ୍ତାନ କାଶ୍ମୀରକୁ ନେଇ ଭାରତ ବିରୋଧ କରିଥିବା ସମସ୍ତ








ଅଭିଯୋଗକୁ ବିଶ୍ୱର ବଡ଼ ବଡ଼ ରାଷ୍ଟ୍ରମାନେ ଅଗ୍ରାହ୍ୟ କରି ଦେଇଛନ୍ତି । ୩୭୦ ଏକ ଆଭ୍ୟନ୍ତରୀଣ ବ୍ୟାପାର ବୋଲି ଶକ୍ତିଶାଳୀ ରାଷ୍ଟ୍ରମାନେ ମତ ପ୍ରକାଶ କରିଛନ୍ତି ଏବଂ ଭାରତର ନୀତିକୁ ସମର୍ଥନ ଜଣାଇଛନ୍ତି । ଏବେ ପାକିସ୍ତାନ ଏକ ମିଛୁଆ ରାଷ୍ଟ୍ର ଭାବରେ ବିଶ୍ୱରେ ଏକ ବଡ଼ ପରିଚୟ ସୃଷ୍ଟି କରିଚାଲିଛି ।

## ■ ପାକିସ୍ତାନ ବିଦେଶ ନୀତି

୧୯୪୭ ମସିହାରେ ନୂଆ ଦେଶ ଭାବେ ଆରମ୍ଭ ହେବା ପରଠାରୁ ପାକିସ୍ତାନର ବୈଦେଶିକ ନୀତି ବିଶ୍ୱସ୍ତରରେ ରାଷ୍ଟ୍ରୀୟ ସୁରକ୍ଷା ଏବଂ ନିଜର ଏକ ନୂତନ ପରିଚୟ ଖୋଜିବାର ବୃଥା ପ୍ରୟାସ କରି ଚାଲିଛି । ନିଜର ସାର୍ବଭୌମତ୍ୱ ଏବଂ ଜାତୀୟ ନିରାପତ୍ତାକୁ ସୁରକ୍ଷିତ କରିବା ଲକ୍ଷ୍ୟ ରଖି କିଭଳି ଭାରତକୁ ଯୁଦ୍ଧରେ ହରାଇ କାଶ୍ମୀର ଛଡ଼ାଇ ନେବ, ଏହି ଚେଷ୍ଟା ଜାରି ରଖିଛି । କାଶ୍ମୀର ପାଇଁ ଅଯଥା ପ୍ରୟାସ ପାକିସ୍ତାନର ବିଦେଶ ନୀତିର ପ୍ରମୁଖ ଅଙ୍ଗ । ଆମେରିକା, ଚୀନ୍ ଏବଂ ରୁଷିଆ ଭଳି ପ୍ରମୁଖ ଶକ୍ତି ସହିତ ସମ୍ପର୍କକୁ ସନ୍ତୁଳିତ କରିବା, ଆର୍ଥିକ ସହଯୋଗ ଆଣି ଆତଙ୍କବାଦୀଙ୍କୁ ସଂଗଠିତ କରିବା, ମୁସଲିମ୍ ଧର୍ମ ନାମରେ ଆରବ ରାଷ୍ଟ୍ରଙ୍କୁ ଭୁଆଁ ବୁଲାଇବା, ଭାରତ ତଥା ଆଫଗାନିସ୍ତାନ ସୀମା ବିବାଦର ମୁକାବିଲା ନକରିବା ଏବଂ ଆତଙ୍କବାଦ ଦ୍ୱାରା କିଭଳି ଅନ୍ୟ ରାଷ୍ଟ୍ରମାନଙ୍କରେ ଅସ୍ଥିରତା ସୃଷ୍ଟି କରିବା ଆଦି ପାକିସ୍ତାନର ବିଦେଶ ନୀତିର ମୁଖ୍ୟ ସ୍ତମ୍ଭ ଅଟନ୍ତି । ■



ବୈଦେଶିକ ବ୍ୟାପାର ବିଶେଷଜ୍ଞ, ଭୁବନେଶ୍ୱର
ମୋ: ୭୦୦୮୩୦୧୭୩୦





ଡ. ବିନୋଦ ମିଶ୍ର

ଭାରତୀୟ ଉପ ମହାଦେଶର ସହସ୍ର ବର୍ଷର ଧର୍ମନିରପେକ୍ଷ ଚରିତ୍ରକୁ ଜଳାଞ୍ଜଳି ଦେଇ ଦଶ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କର ପ୍ରାଣହାନି ଏବଂ ହାରାହାରି ଦୁଇ କୋଟି ଲୋକଙ୍କୁ ବିସ୍ଥାପନ କରି ୧୯୪୭, ଅଗଷ୍ଟ ୧୪ ତାରିଖ ଦିନ ଜନ୍ମଲାଭ କରିଥିବା ପାକିସ୍ତାନ ଏବେ ବି ଏକ ସମ୍ପୂର୍ଣ୍ଣ ରାଷ୍ଟ୍ରର ପରିଚୟ ପାଇ ପାରିନାହିଁ।

# ତିନି ‘ଏ’ର ଦେଶ

ତାତ୍ତ୍ୱିକ ଦୃଷ୍ଟିରୁ ୟୁରୋପୀୟ ସମାଜ ପାଇଁ ପ୍ରକୃଷ୍ଟ ଜାତି ବା ରାଷ୍ଟ୍ରର ଧାରଣା ପାକିସ୍ତାନ ପାଇଁ ଉପଯୁକ୍ତ ନୁହେଁ। କିନ୍ତୁ, ଭାରତର ସ୍ୱାଧୀନତା ସମୟରେ ଜାତୀୟତାବାଦର ଏକ ଉଗ୍ର ପ୍ରତିଫଳନ ହିସାବରେ ପାକିସ୍ତାନ ଜାତି ବା ରାଷ୍ଟ୍ରର କଳ୍ପନା କରାଯାଇଥିଲା, ଯାହାର ଜାତୀୟ ଚେତନାର ମୂଳରେ ରହିଥିଲା ଇସ୍‌ଲାମ୍ ଧର୍ମ। ଜାତି ବା ରାଷ୍ଟ୍ରର ଧାରଣା ଯେ ପାକିସ୍ତାନ ପାଇଁ ଉପଯୁକ୍ତ ନୁହେଁ ତା’ର ପ୍ରମାଣ ୧୯୭୧ ମସିହାରେ ଘଟିଥିବା ଭାଷାଭିତ୍ତିକ ପାକିସ୍ତାନର ବିଭାଜନରୁ ସୁସ୍ପଷ୍ଟ।

ପୂର୍ବ- ପାକିସ୍ତାନ ମୂଳ ପାକିସ୍ତାନଠାରୁ ବିଚ୍ଛିନ୍ନ ହେବା ପରେ ପଶ୍ଚିମ ପାକିସ୍ତାନକୁ ବର୍ତ୍ତମାନର ପାକିସ୍ତାନ ଭାବେ ଜଣାଯାଏ। ପାକିସ୍ତାନ ଗଠନ ହେବାଠାରୁ ଆଜି ପର୍ଯ୍ୟନ୍ତ ଦୁଇଟି ପ୍ରମୁଖ ପ୍ରଚେଷ୍ଟା କରିଆସିଛି। ୧- ଇସ୍‌ଲାମ୍ ଧର୍ମଭିତ୍ତିକ ରାଷ୍ଟ୍ର ରୂପେ ଗଠନ କରିବା ଓ ୨- ଗଣତନ୍ତ୍ରର ପ୍ରତିଷ୍ଠା କରିବା। କିନ୍ତୁ ୭୭ ବର୍ଷ କାଳ ଭିତରେ ୩୪ ବର୍ଷ ପାକିସ୍ତାନରେ ଅଗଣତାନ୍ତ୍ରିକ ସରକାର ଶାସନ କ୍ଷମତାରେ ରହିଆସିଛି। ଆଜିଯାଏଁ ସେଠାରେ କୌଣସି ନିର୍ବାଚିତ ପ୍ରଧାନମନ୍ତ୍ରୀଙ୍କ ଏକକାଳୀନ ପାଞ୍ଚବର୍ଷ ଶାସନ କାଳ ଚାଲିପାରି ନାହିଁ।

ପାକିସ୍ତାନର ରାଜନୈତିକ, ସାମାଜିକ ଓ ଅର୍ଥନୈତିକ ଅବସ୍ଥା ଶାସନ ବ୍ୟବସ୍ଥା ମୁଖ୍ୟତଃ ତିନୋଟି ‘ଏ’ ଯଥା- ARMY, ALLAH ଓ AMERICA ଉପରେ ନିର୍ଭରଶୀଳ। ଅର୍ଥାତ୍ ଯେତେବେଳେ ପାକିସ୍ତାନର ସେନା ଆଉ ସକ୍ରିୟ ଧର୍ମୀୟ ଉଗ୍ରବାଦୀ ସଂଗଠନଗୁଡ଼ିକ ମଧ୍ୟରେ ସମନ୍ୱୟ ରୁହେ ଏବଂ ଉକ୍ତ ସମନ୍ୱୟକୁ ଆମେରିକାର ସମର୍ଥନ ଥାଏ, ସେତେବେଳେ ପାକିସ୍ତାନ କିଛିମାତ୍ରରେ ସ୍ଥିର ରୁହେ। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଦୁଇ ମହାଶକ୍ତି ମାର୍କିନ ଯୁକ୍ତରାଷ୍ଟ୍ର ଏବଂ ତତ୍କାଳୀନ ସୋଭିଏତ୍ ସଂଘ ଭିତରେ ଶୀତଳ ଯୁଦ୍ଧ ଆରମ୍ଭ ହୋଇଥିଲା। ଭାରତ କିନ୍ତୁ ଏହି ଶୀତଳ ଯୁଦ୍ଧରେ ଯୋଗ ନ ଦେଇ ଗୋଷ୍ଠୀ ନିରପେକ୍ଷ ରହିଥିଲା। ଭାରତର ଏହି ନୀତିକୁ ଆମେରିକା ଗ୍ରହଣ କରିପାରି ନ ଥିଲା। ଆମେରିକାର ତତ୍କାଳୀନ ପରରାଷ୍ଟ୍ର ବିଭାଗ ସଚିବ ଜନ୍ ଫଷ୍ଟର ଡଲସ୍‌ଙ୍କ ଭାଷାରେ “ଯଦି ତୁମେ ଆମ ସହିତ ନୁହଁ, ତେବେ ତୁମେ ଆମର ବିରୋଧୀ।” ତେଣୁ ଭାରତକୁ ବିରୋଧୀ ଭବେ ଗ୍ରହଣ କରି ଆମେରିକା ପାକିସ୍ତାନକୁ ସବୁପ୍ରକାର ସହାୟତା ଯୋଗାଇ ଦେଇ ନିଜର ଅଧସ୍ତନ କରି ଭାରତ ବିରୁଦ୍ଧରେ ଏକ ଶକ୍ତି ଭାବରେ ଠିଆ କରିବା ପାଇଁ ଚେଷ୍ଟା କଲା। ଆମେରିକାର ସହଯୋଗ ପାଇ ପାକିସ୍ତାନ ସେନା ନିଜକୁ ଭାରତ ବିରୁଦ୍ଧରେ ବଳୀୟାନ କରିବା ସଂଗେ ସଂଗେ ନିଜକୁ ସମୃଦ୍ଧ ଏବଂ ଦେଶରେ ସବୁଠୁ ପ୍ରଭାବଶାଳୀ ସଂଗଠନ ରୂପେ ପ୍ରତିଷ୍ଠା କରିଛି। ଭାରତ ବିରୋଧୀ ଆଭିମୁଖ୍ୟକୁ ଚରିତାର୍ଥ କରିବାକୁ ପାଇଁ ପାକିସ୍ତାନ ସେନା ସବୁ ସମୟରେ ସେ ଦେଶରେ ସକ୍ରିୟ ଥିବା ଧର୍ମୀୟ-ଉଗ୍ରବାଦୀ ସଂଗଠନଗୁଡ଼ିକର ବ୍ୟବହାର କରିଥାଏ। ପାକିସ୍ତାନରେ ସେନାର ଏକଛତ୍ର ପ୍ରଭାବ ଥିବାରୁ ଗଣତନ୍ତ୍ର ପ୍ରତିଷ୍ଠା ଆଜି ଯାଏଁ ସଫଳ ହୋଇପାରିନାହିଁ। କିନ୍ତୁ ସେ ଦେଶକୁ ଏକ ଗଣତାନ୍ତ୍ରିକ ରାଷ୍ଟ୍ର






ରୂପେ ପ୍ରତିଷ୍ଠା କରିବାର ଲୋକଦେଖାଣିଆ ପ୍ରତିଶ୍ରୁତି ସେନା ସବୁବେଳେ ଦେଇଥାଏ। ଯେତେବେଳେ ବି ସେନାର ମନେ ହୁଏ ଯେ ପାକିସ୍ତାନରେ ଗଣତନ୍ତ୍ର ସୁଦୃଢ଼ ହୋଇପାରେ ବା ଗଣତାନ୍ତ୍ରିକ ସରକାର ଦେଶରେ ସେନାର ଗୁରୁତ୍ୱ ଗୌଣ କରିପାରେ, ସେ ସମୟରେ ସେନା ଗଣତାନ୍ତ୍ରିକ ସରକାରକୁ ଗାଦିଚ୍ୟୁତ କରିବାରେ ସଂକୋଚ କରେନାହିଁ। ବର୍ତ୍ତମାନର ପାକିସ୍ତାନର ପରିସ୍ଥିତି ଏବେ ଉଭୟ ଏକ ଜାତି/ରାଷ୍ଟ୍ର ହିସାବରେ ବା ଗୋଟିଏ ଗଣତନ୍ତ୍ର ହିସାବରେ ଅତି ଶୋଚନୀୟ।

୨୦୧୮ ରେ ଇମ୍ରାନ ଖାଁ ଙ୍କର ରାଜନୈତିକ ସଫଳତାକୁ କେହି କେହି ପାକିସ୍ତାନରେ ଗଣତନ୍ତ୍ରର ବିଜୟ ବୋଲି ମନେ କରିଥିଲେ। କିନ୍ତୁ, ଏପ୍ରିଲ ୨୦୨୩ରେ ଇମ୍ରାନ ଖାଁଙ୍କୁ ଯେଉଁଭଳି ଭାବେ କ୍ଷମତାଚ୍ୟୁତ କରାଗଲା, ତାହା ଯେ କୌଣସି ଗଣତନ୍ତ୍ରର ଅବମାନନା ହିସାବରେ ପରିଗଣିତ ହେବା ଉଚିତ। ଇମ୍ରାନ ଖାଁଙ୍କ ଗାଦିଚ୍ୟୁତ ହେବା ପଛରେ ପାକିସ୍ତାନ ସେନାର ପ୍ରତ୍ୟକ୍ଷ ହସ୍ତକ୍ଷେପ ଥିବା କାହାକୁ ଅଜଣା ନୁହେଁ। ଇମ୍ରାନ ଖାଁ ଙ୍କର କ୍ଷମତାରୁ ଅପସାରଣ ପରେ ପାକିସ୍ତାନ ରାଜନୈତିକ ଏବଂ ଅର୍ଥନୈତିକ ସଙ୍କଟ ଭିତରେ ଗତି କରୁଛି। ପାକିସ୍ତାନ ସେନାର ଧାରଣା ଥିଲା ଯେ ଇତିହାସରେ ଅନେକ ଥର ସେନା ସ୍ୱୀକୃତ ଗଣତାନ୍ତ୍ରିକ ସରକାର ପ୍ରତିଷ୍ଠା କରିବାରେ ସଫଳତା ମିଳିଛି। କିନ୍ତୁ, ଗତ ଫେବୃଆରୀ ମାସରେ ଘଟିତ ନିର୍ବାଚନର ଫଳାଫଳରୁ ଅନୁମାନ କରା ଯାଇପାରେ ଯେ ପାକିସ୍ତାନ ନାଗରିକଙ୍କ ଉପରେ ସେନାର ସେ ଭଳି ପ୍ରାଦୁର୍ଭାବ ଆଉ ନାହିଁ। କାରଣ ଇମ୍ରାନ ଖାଁଙ୍କ ସମର୍ଥକମାନେ ଦଳର (PTI) ଚିହ୍ନ ବିନା ବିପୁଳ ସଂଖ୍ୟାରେ ନିର୍ବାଚିତ ହୋଇଛନ୍ତି। ଅପରପକ୍ଷେ PML ନୱାଜ ଦଳ ପାକିସ୍ତାନ ସେନାର ସମସ୍ତ ପ୍ରଚେଷ୍ଟା ସତ୍ତ୍ୱେ ସରକାର ଗଠନ ପାଇଁ ଆବଶ୍ୟକୀୟ ଜନସମର୍ଥନ ପାଇପାରିନାହିଁ। ତେଣୁ ଉପରୋକ୍ତ ତିନି 'A' ଭିତରେ ସମନ୍ୱୟର ଅଭାବ ଓ ସମୀକରଣରେ ପରିବର୍ତ୍ତନ ଘଟିଥିବାର ଏକ ଧାରଣା ସୃଷ୍ଟି ହେଉଛି।






ସେହିପରି ପାକିସ୍ତାନରେ ସକ୍ରିୟ ଥିବା ସମସ୍ତ ଧର୍ମୀୟ ଉଗ୍ରବାଦୀ ସଂଗଠନଗୁଡ଼ିକୁ ନିୟନ୍ତ୍ରଣ ଓ ସମର୍ଥନ ଯୋଗାଉଥିବା ସେନାର ଆଧିପତ୍ୟକୁ ଆଉ ସେହି ସଂଗଠନଗୁଡ଼ିକ ସ୍ୱୀକାର କରୁ ନ ଥିବା ମନେ ହୁଏ। ଆମେରିକା ମଧ୍ୟ ଏବେ ଆଉ ଆଗଭଳି ପାକିସ୍ତାନ ସେନାର ସମସ୍ତ କାର୍ଯ୍ୟକଳାପକୁ ସମର୍ଥନ କରୁନାହିଁ। ତେଣୁ ପାକିସ୍ତାନରେ ଏକପ୍ରକାର ଗୃହଯୁଦ୍ଧର ପରିସ୍ଥିତି ଉପୁଜିଛି। ଦେଶରେ ଅବାଧରେ ମୌଳବାଦୀ ଗୋଷ୍ଠୀ ସେମାନଙ୍କର ପ୍ରଭାବ ବିସ୍ତାର କରିବାରେ ଲାଗିଛନ୍ତି। ଉଲ୍ଲେଖ ଯୋଗ୍ୟ ଯେ ଲସ୍କର ଇ ତୋଇବା ର ମୁଖ୍ୟ ହାଫିଜ ସଇଦ ବି ପାକିସ୍ତାନକୁ ଏକ ଇସ୍‌ଲାମିକ୍ ଜନହିତକାରୀ ରାଷ୍ଟ୍ରରେ ପରିଣତ କରିବାର ଡାକରା ଦେଇ ଗତ ନିର୍ବାଚନ ଲଢ଼ିଥିଲା। ଯଦିଓ ଲସ୍କର ଇ ତୋଇବା ବା ଅନ୍ୟ ମୌଲାଲବାଦୀ ଦଳ କୌଣସି ସଫଳତା ପାଇନାହାନ୍ତି, ନିର୍ବାଚନରେ ସେମାନଙ୍କର ଉପସ୍ଥିତି ପାକିସ୍ତାନରେ ଗଣତନ୍ତ୍ରର ଭବିଷ୍ୟତ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି।

ବାଲୋଚିସ୍ତାନ, ଜନ୍ମ ସମୟରୁ ହିଁ ପାକିସ୍ତାନଠାରୁ ଅଲଗା ହେବା ପାଇଁ ବିଦ୍ରୋହ କରି ଆସୁଛି। ବର୍ତ୍ତମାନର ରାଜନୈତିକ ଅସ୍ଥିରତାର ସୁଯୋଗ ନେଇ ସେ ବିଦ୍ରୋହ ଏବେ ନୂଆ ଉତ୍ସାହ ସହ ପାକିସ୍ତାନକୁ ଆଉଥରେ ବିଭାଜନ କରିବାର ପ୍ରଚେଷ୍ଟା କରୁଛି। ପାକିସ୍ତାନର ଅନ୍ୟ ଏକ ବଡ଼ ପ୍ରଦେଶ ଖାଇବର ପାଖତୁନଖ୍ୱାରେ ମଧ୍ୟ ବିଦ୍ରୋହ ଦେଖାଦେଇଛି। ସେଠାକାର ମୂଳବାସିନ୍ଦା ମୂଳତଃ ପସ୍ତୁ ସମ୍ପ୍ରଦାୟର। ଏହି ସମ୍ପ୍ରଦାୟର ଲୋକ ପାକିସ୍ତାନ ସହିତ ଆଫଗାନିସ୍ତାନରେ ମଧ୍ୟ ଅଛନ୍ତି। ଭାରତରେ ବ୍ରିଟିଶ ଶାସନ ସମୟରେ ୧୮୯୩ ମସିହାରେ ଆଫଗାନିସ୍ତାନର ତତ୍କାଳୀନ ଏମାର୍ ଅବଦୁର ରହମାନ ଖାଁ ବ୍ରିଟିଶ ଇଣ୍ଡିଆ ସରକାରଙ୍କ ସାଙ୍ଗେ ଭାରତ ଏବଂ ଆଫଗାନିସ୍ତାନର ସୀମା ସ୍ୱରୂପ ଦୂରାଣ୍ଡ ଲାଇନ ଅଙ୍କନ କରି ଅଙ୍ଗ୍ଲୋ ଆଫଗାନ ଯୁଦ୍ଧର ବିରାମ ଘଟାଇଥିଲେ। ଉକ୍ତ ଦୂରାଣ୍ଡ ଲାଇନ ଆଫଗାନିସ୍ତାନ ଓ ପାକିସ୍ତାନରେ ରହୁଥିବା ପସ୍ତୁ ସମ୍ପ୍ରଦାୟର ଲୋକମାନଙ୍କୁ ଦୁଇ ଭାଗରେ ବିଭକ୍ତ କରିଥିଲା। ଭାରତର ସ୍ୱାଧୀନତା ଏବଂ ପାକିସ୍ତାନର ଜନ୍ମ ପରଠୁ ଆଫଗାନିସ୍ତାନ ସରକାର ଦୂରାଣ୍ଡ ଲାଇନକୁ ମାନିବାକୁ ରାଜି ନୁହନ୍ତି। ଯେତେବେଳେ ବି ଅଫଗାନିସ୍ତାନରେ ସରକାର ଗଠନ ହୋଇଛି ଦୂରାଣ୍ଡ ଲାଇନକୁ ନେଇ ଆଫଗାନିସ୍ତାନ ଓ ପାକିସ୍ତାନ ମଧ୍ୟରେ କନ୍ଦଳ ଲାଗିଛି। ଆଫଗାନିସ୍ତାନର ବର୍ତ୍ତମାନର ତାଲିବାନ ସରକାର ଦୂରାଣ୍ଡ ଲାଇନର ଉଚ୍ଛେଦ ଏବଂ ବୃହତ୍ ପାସ୍ତୁନିସ୍ତାନ ପ୍ରତିଷ୍ଠା ପାଇଁ ଉଦ୍ୟମ ଆରମ୍ଭ କରିଛି, ଯାହା ଫଳରେ ଦୁଇ ଦେଶ ମଧ୍ୟରେ କଳହ ପୁନର୍ବାର ଦେଖାଦେଇଛି।

ପାକ୍ ଅଧୀକୃତ କାଶ୍ମୀରରେ ମଧ୍ୟ ପାକିସ୍ତାନଠାରୁ ବିଚ୍ଛିନ୍ନ ହବାର ସ୍ୱର ଜୋର ଧରୁଛି। ଗିଲଗୀଟ୍ ବାଲ୍‌ଟିସ୍ତାନରେ ପାକିସ୍ତାନଠୁ ଅଲଗା ହେବା ପାଇଁ କ୍ରମାଗତ ପ୍ରଚେଷ୍ଟା ଚାଲିଛି। ରାଜନୈତିକ ଅସ୍ଥିରତା ସମେତ ସମଗ୍ର ଦେଶରେ ବିଦ୍ରୋହର ସ୍ଥିତି ବଢ଼ିବରେ ଲାଗିଛି, ଯାହାକୁ କେବଳ ସାମରିକ ଶକ୍ତି ଦ୍ୱାରା ସମାଧାନ କରିବା ଅସମ୍ଭବ। ଏଥିପାଇଁ ପାକିସ୍ତାନର ଜନସମର୍ଥନ ଦରକାର। କିନ୍ତୁ ପାକିସ୍ତାନର ଜନସାଧାରଣ ସେନା ଉପରୁ ଆସ୍ଥା ହରାଇ ବସିଛନ୍ତି ଏବଂ ସେନା ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। ଏଭଳି ପରିସ୍ଥିତିରେ ଫେବୃଆରୀ ମାସରେ ହୋଇଥିବା ନିର୍ବାଚନରେ ପାକିସ୍ତାନର ବର୍ତ୍ତମାନର ଅର୍ଥନୈତିକ ଏବଂ ରାଜନୈତିକ ଅସ୍ଥିରତା ପାଇଁ ପ୍ରମୁଖ ଭାବେ ଦାୟୀ ସେହବାଜ ସରିଫ୍ ପୁଣି ପ୍ରଧାନମନ୍ତ୍ରୀ ଭାର ନେଇଛନ୍ତି। ସେ ପାକିସ୍ତାନର ରାଜନୈତିକ ଓ ଅର୍ଥନୈତିକ ସ୍ଥିତିକୁ ସୁଧାରିବାରେ କେତେ ସଫଳ ହେବେ ସେ ନେଇ ସନ୍ଦେହ ଉପୁଜିବା ଯଥାର୍ଥ। ଏବେ ପାକିସ୍ତାନ ନା ଇସ୍‌ଲାମ୍ ରାଷ୍ଟ୍ର ହେଇ ପାରିଛି, ନା ଗଣତନ୍ତ୍ର ହେଇ ପାରିଛି। କେବଳ ଧର୍ମକୁ ନେଇ ରାଷ୍ଟ୍ର ଗଠନର ଅପଚେଷ୍ଟାର ଏକ ଉଦାହରଣ ହିଁ ପାଲଟିଛି। ■









ଆଇନଜୀବୀ, ଓଡ଼ିଶା ହାଇକୋର୍ଟ
କଟକ, ମୋ: ୯୮୩୦୮୭୫୦୬୬

# ସଙ୍କଟର ସ୍ୱୟଂଭୂ

ଗୌରୀ ପ୍ରସାଦ ମହାପାତ୍ର

କୁହାଯାଏ ଅସ୍ଥିର ରାଜନୀତି ଅର୍ଥନୈତିକ ସଙ୍କଟ ସୃଷ୍ଟି କରେ ଏବଂ ଅର୍ଥନୈତିକ ସଙ୍କଟ ରାଜନୈତିକ ଅସ୍ଥିରତାକୁ ଜନ୍ମ ଦିଏ । ଯେତେବେଳେ ଏହି ଦୁଇଟି ଯାକ ଘଟଣା ପ୍ରବାହର ସମୟ ସମାନ୍ତରାଳ ହୁଏ, ସେତେବେଳେ ପାକିସ୍ତାନ ଭଳି ଏକ ରାଜନୈତିକ ଓ ଅର୍ଥନୈତିକ ଅସ୍ଥିର ଦେଶର ଚିତ୍ର ସାମ୍ନାକୁ ଆସେ । ଦୀର୍ଘ ୭୭ ବର୍ଷର କାଳଖଣ୍ଡ ମଧ୍ୟରେ ଯେଉଁ ଦେଶରେ ତିନିଥର ନୂଆ ସମ୍ବିଧାନ ଲେଖାଯାଇଛି, ଆଠଥର ବିଧାନପାଳିକା ଭଙ୍ଗ ହୋଇଛି, ପାଞ୍ଚଥର ସାମରିକ ଶାସନ(ମାର୍ଶାଲ୍ ଲ’) ଲାଗୁ ହୋଇଛି, ପାଞ୍ଚ ଜଣ ପ୍ରଧାନମନ୍ତ୍ରୀଙ୍କୁ ଜେଲ୍ କିମ୍ବା ଫାଶୀ କିମ୍ବା ଦେଶାନ୍ତର ଦଣ୍ଡ ମିଳିଛି, ଶାସନ ମୁଖ୍ୟଙ୍କୁ ତିନିଥର ସେନାଦ୍ୱାରା ହତ୍ୟା ଷଡ଼ଯନ୍ତ୍ର କରାଯାଇଛି, ଯେଉଁ ଦେଶ ବିଦେଶୀ ରାଷ୍ଟ୍ରର ବୋଲକରା ସାଜି କେବଳ ଧର୍ମ ଓ ଯୁଦ୍ଧକୁ ହିଁ ରାଷ୍ଟ୍ରନୀତି କରିଛି, ପଡ଼ୋଶୀ ଭାରତ ଓ ଆଫଗାନିସ୍ତାନ ସହିତ ଯୁଦ୍ଧ ଓ ଛାୟାଯୁଦ୍ଧରେ ଲିପ୍ତ ରହିଛି, ସେ ଦେଶର ରାଜନୀତି, ଅର୍ଥନୀତି, ଲୋକନୀତି ସ୍ଥିର ହେବ ବା କେମିତି? ବିଶ୍ୱ ଗଣତାନ୍ତ୍ରିକ ଇତିହାସରେ ପାକିସ୍ତାନ ଏଭଳି ଏକ ରାଷ୍ଟ୍ର, ଯେଉଁଠାରେ ଏ ପର୍ଯ୍ୟନ୍ତ ୩୦ଜଣ ପ୍ରଧାନମନ୍ତ୍ରୀ ଶପଥ ନେଇଥିଲେ ମଧ୍ୟ କେହି ପୂର୍ଣ୍ଣ ପାଞ୍ଚ ବର୍ଷ ପୂରଣ କରିପାରିନାହାନ୍ତି । ତେଣୁ ନିକଟରେ ପୁଣି ଥରେ ସାଧାରଣ ନିର୍ବାଚନକୁ ସାମ୍ନା କରିଥିବା ସେହି ଦେଶର ନବନିର୍ବାଚିତ ସରକାରର ସ୍ଥାୟିତ୍ୱକୁ ନେଇ ପାକିସ୍ତାନବାସୀ ଯେତିକି ସନ୍ଦିହାନ, ଅର୍ଥନୈତିକ ଭବିଷ୍ୟତକୁ ନେଇ ଅର୍ଥନୀତିଜ୍ଞମାନେ ସେତିକି ଚିନ୍ତିତ ।






## ଅସ୍ଥିର ରାଜନୀତି

ବିଶ୍ୱବିଖ୍ୟାତ ବୌଦ୍ଧ ଧର୍ମଗୁରୁ ଦଲାଇ ଲାମାଙ୍କ ଉକ୍ତି ଅନୁଯାୟୀ, ‘ଯେଉଁ ମସ୍ତିଷ୍କ ଅସ୍ଥିର, ତାହାର ସୃଷ୍ଟି ମଧ୍ୟ କେବେ ସ୍ଥିର ଓ ଶାନ୍ତ ରହିପାରିବ ନାହିଁ’ - ଏହାର ଜ୍ୱଳନ୍ତ ଉଦାହରଣ ହେଉଛି ଭାରତର ପଶ୍ଚିମ ପଡ଼ୋଶୀ ଦେଶ ପାକିସ୍ତାନ । ଆଜି ପାକିସ୍ତାନ କାହିଁକି ଅସ୍ଥିର, ତାହାର କାରଣ ଖୋଜିବାକୁ ହେଲେ ବିଭାଜନ ବା ପାକିସ୍ତାନ ଗଠନର ମୂଳାଧାରକୁ ଅନୁଶୀଳନ କରିବାକୁ ପଡ଼ିବ । ବ୍ରିଟିଶ୍ ଶାସନାଧୀନ ଅଖଣ୍ଡ ଭାରତର ବିଭାଜନ ପରେ ମୋଟ ଭୂଖଣ୍ଡର ୭୫% ଭାରତ ପାଖରେ ରହିଲା ଏବଂ ୨୫% କୁ ନେଇ ଗଠିତ ହେଲା ପୂର୍ବ ଓ ପଶ୍ଚିମ ପାକିସ୍ତାନ । ସେହିପରି ମୋଟ ଜନସଂଖ୍ୟାର ୮୪% ଭାରତରେ ରହିଥିବା ବେଳେ ପାକିସ୍ତାନ(ଉଭୟ ପୂର୍ବ ଓ ପଶ୍ଚିମ)ରେ ରହିଲେ ମାତ୍ର ୧୬%(ଉଭୟ ହିନ୍ଦୁ ଓ ମୁସଲ୍‌ମାନ) । ଭାରତର ଅନେକ ଶସ୍ୟଶ୍ୟାମଳା କୃଷି ଅଞ୍ଚଳ ପାକିସ୍ତାନ ଅଧୀନକୁ ଚାଲିଗଲା । ତେଣୁ ସ୍ୱାଧୀନତା ପରେ ଭାରତରେ ଖାଦ୍ୟାଭାବ ଦେଖାଦେଲା । ଅପରପକ୍ଷରେ ପାକିସ୍ତାନ ଏକ ଖାଦ୍ୟ ବଳକା ଦେଶ ଭାବେ ପ୍ରତିଷ୍ଠା ଲାଭ କଲା । ଏଥିସହିତ ଅଖଣ୍ଡ ଭାରତର ମୋଟ ରାଜସ୍ୱ ଉତ୍ସର ୧୭% ପାକିସ୍ତାନ ପାଖରେ ରହିଲା । ତେଣୁ ସ୍ୱଳ୍ପ ଜନସଂଖ୍ୟା ଓ ବିପୁଳ ରାଜସ୍ୱ ଉତ୍ସ ଦୃଷ୍ଟିରୁ ପାକିସ୍ତାନର ସ୍ଥିତି ଭାରତ ତୁଳନାରେ ଅନେକାଂଶରେ ଉନ୍ନତ ଥିଲା । କିନ୍ତୁ ବିଭାଜନ ଚୁକ୍ତି ଅନୁଯାୟୀ, ପାକିସ୍ତାନ ଦାବି କଲା ବ୍ରିଟିଶ୍-ଇଣ୍ଡିଆ ସ୍ଥଳସେନାର ୩୦%, ନୌସେନାର ୪୦% ଓ ବିମାନ ବାହିନୀର ୨୦% । ଏହା ହିଁ ପରବର୍ତ୍ତୀ ସମୟରେ ପାକିସ୍ତାନରେ ଉଭୟ ରାଜନୈତିକ ଓ ଅର୍ଥନୈତିକ ଅସ୍ଥିରତାର ମଞ୍ଜି ବୁଣିଦେଲା ।


ଜନସଂଖ୍ୟା ଓ ଭୌଗୋଳିକ ସ୍ଥିତି ତୁଳନାରେ ବିଶାଳ ସେନାବାହିନୀର ସ୍ଥିତିରୁ ପାକିସ୍ତାନ ଦେଶଗଠନର ଆଭିମୁଖ୍ୟ କ’ଣ ହେବାକୁ ଯାଉଛି ତାହା ବିଶ୍ୱସ୍ତରରେ ଏକ ଧାରଣା ସୃଷ୍ଟି କରିସାରିଥିଲା । ଏହି ଧାରଣା ଆହୁରି ବଳବତ୍ତର ହେଲା ଯେତେବେଳେ ୧୯୪୮ରେ ଉପସ୍ଥାପିତ ପାକିସ୍ତାନର ପ୍ରଥମ ସାଧାରଣ ବଜେଟ୍‌ରେ ପାକିସ୍ତାନର ପ୍ରଥମ ପ୍ରଧାନମନ୍ତ୍ରୀ ଲିୟାକତ୍ ଅଲି ଖାନ୍ ମୋଟ ବଜେଟ୍‌ର ୭୫% କେବଳ ପ୍ରତିରକ୍ଷା ଓ ସେନା ପାଇଁ ବ୍ୟୟବରାଦ କରିଦେଲେ । ଏହା ପରୋକ୍ଷରେ ସେନାର ସେ ଦେଶର ଶାସନ ବ୍ୟବସ୍ଥାରେ ଅତିକ୍ରିୟା ସୃଷ୍ଟି ପାଇଁ ପ୍ରେରଣା ଯୋଗାଇଲା । ଭବିଷ୍ୟତରେ କ’ଣ ଘଟିବାକୁ ଯାଉଛି. ତାହା ମାତ୍ର ବର୍ଷକ ମଧ୍ୟରେ ଅନେକାଂଶରେ ଅନୁମାନ କରିସାରିଥିଲେ ପାକିସ୍ତାନର ପ୍ରତିଷ୍ଠାତା ମହମ୍ମଦ ଅଲି ଜିନ୍ନା । ସେନାର ଆଧିପତ୍ୟ ଓ ଅତିକ୍ରିୟାରେ ଅତିଷ୍ଠ ହୋଇସାରିଥିବା ଜିନ୍ନା ୧୯୪୮ ମସିହାରେ ଆର୍ମି ଷ୍ଟାଫ୍ କଲେଜ୍‌ରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମକୁ ସମ୍ବୋଧିତ କରିବା ଅବସରରେ ସେନାବାହିନୀ ଉଦ୍ଦେଶ୍ୟରେ ରୋକ୍‌ଠୋକ୍ କହିଥିଲେ - ‘ଭୁଲି ଯାଅ ନାହିଁ ଯେ ନାଗରିକଙ୍କ ସେବା ପାଇଁ ହିଁ ସେନାବାହିନୀ ଉଦ୍ଦିଷ୍ଟ । ରାଷ୍ଟ୍ରୀୟ ନୀତି ନାଗରିକମାନେ ପ୍ରଣୟନ କରିବେ ଏବଂ ସେନା କେବଳ କାର୍ଯ୍ୟ ନିର୍ବାହ କରିବ ।’ କିନ୍ତୁ ସେତେବେଳକୁ ନେଡ଼ିଗୁଡ଼ କହୁଣିକୁ ବୋହି ସାରିଥିଲା । ସେନା ହିଁ ସେହି ଦେଶର ରାଷ୍ଟ୍ରନୀତି ଓ ରାଜନୀତିକୁ ପ୍ରତ୍ୟକ୍ଷ ଓ ପରୋକ୍ଷରେ ନିୟନ୍ତ୍ରଣ କଲା, ଯାହା ଆଜି ପର୍ଯ୍ୟନ୍ତ ସେଠାରେ ଚାଲିଛି ।

ନବଜନ୍ମିତ ପାକିସ୍ତାନରେ ରାଷ୍ଟ୍ରଗଠନର ମୌଳିକ ନୀତି ଜନମଙ୍ଗଳ ହେବା ବଦଳରେ ବ୍ୟକ୍ତିକୈନ୍ଦ୍ରିକ ହେଲା । ଏହି କେନ୍ଦ୍ରର ଅଧିପତି ରହିଲା ସେନା । ତତ୍କାଳୀନ ପାକିସ୍ତାନର ତୁଙ୍ଗ ନେତା ଓ ନୀତି ନିର୍ଦ୍ଧାରକମାନେ ଚିନ୍ତା କଲେ ଯେ ଏକ ଦୃଢ଼, ସ୍ଥିର, ସମୃଦ୍ଧ ଓ ଶକ୍ତିଶାଳୀ ରାଷ୍ଟ୍ରଗଠନ କରିବାକୁ ହେଲେ କ୍ଷମତା କେନ୍ଦ୍ରୀଭୂତ କରିବାକୁ ପଡ଼ିବ । ଏହାଦ୍ୱାରା ଅର୍ଥନୈତିକ ଅଭିବୃଦ୍ଧି ତ୍ୱରାନ୍ୱିତ ହେବ ଏବଂ ଦେଶବାସୀଙ୍କୁ ରାଷ୍ଟ୍ରୀୟ-ଧର୍ମୀୟ ଭାବନାରେ ଉଦ୍‌ବୁଦ୍ଧ କରାଯାଇପାରିବ । ଏହି ଆଭିମୁଖ୍ୟରେ ଏକ ଶସ୍ୟଶ୍ୟାମଳା, ଖାଦ୍ୟ ବଳକା, ସଂସ୍କୃତି ସମୃଦ୍ଧ ଦେଶ ଛାରଖାର ହୋଇଗଲା ।










୧୯୫୧ରେ ପ୍ରଧାନମନ୍ତ୍ରୀ ଲିୟାକତ୍ ଅଲ୍ଲିଙ୍କ ହତ୍ୟାରୁ ଜନ୍ମ ନେଇଥିବା 'ଇସ୍‌ଲାମୀୟ ମୌଳ-ରାଷ୍ଟ୍ରବାଦୀ ଭାବନା କ୍ରମଶଃ ବଳିଷ୍ଠ ହେବାରେ ଲାଗିଲା। ଅଲ୍ଲିଙ୍କ ହତ୍ୟା ପରେ ସାର ଖ୍ୱାଜା ନିଜାମୁଦ୍ଦିନ୍ ନିଜକୁ ପ୍ରଧାନମନ୍ତ୍ରୀ ଘୋଷଣା କରି ସାର ମଲିକ୍ ଗୁଲାମ୍ ମହମ୍ମଦଙ୍କୁ ଗଭର୍ଣ୍ଣର ଜେନେରାଲ୍ ରୂପେ ନିଯୁକ୍ତି ଦେଲେ। ୧୯୫୩ରେ ଗୁଲାମ୍ ମହମ୍ମଦ ତାଙ୍କ କ୍ଷମତାକୁ ନିରଙ୍କୁଶ କରିବା ପାଇଁ ଖ୍ୱାଜା ନାଜିମୁଦ୍ଦିନ୍ ସରକାରକୁ ପ୍ରଥମେ ଭାଙ୍ଗି ଦେଲେ ଏବଂ ଚିଠା ସମ୍ବିଧାନ ପ୍ରସ୍ତୁତ କରୁଥିବା ସମ୍ବିଧାନ ପ୍ରଣୟନ ସଭାକୁ ମଧ୍ୟ ୧୯୫୪ରେ ବରଖାସ୍ତ କରିଦେଲେ। ସ୍ୱାସ୍ଥ୍ୟଗତ କାରଣରୁ ଚାପର ବଶବର୍ତ୍ତୀ ହୋଇ ଗୁଲାମ ମହମ୍ମଦ୧୯୫୫ରେ ଇସ୍ତଫା ଦେବା ପରେ ଇସ୍‌କନ୍ଦର ଅଲି ମିର୍ଜା ନିଜକୁ ପ୍ରଧାନମନ୍ତ୍ରୀ ଘୋଷଣା କରିବା ସହିତ ସମ୍ବିଧାନ ପ୍ରଣୟନ ସଭାକୁ ପୁଣି ଥରେ ଜୀବନ୍ୟାସ ଦେଲେ। ଶେଷରେ ଦେଶଗଠନର ପ୍ରାୟ ୯ ବର୍ଷ ପରେ ୧୯୫୬ ମାର୍ଚ୍ଚ ୨୩ ତାରିଖରେ ପାକିସ୍ତାନର ପ୍ରଥମ ସମ୍ବିଧାନ ଜନ୍ମଲାଭ କଲା। ୧୯୫୬ରୁ ୧୯୫୮ ମଧ୍ୟରେ ତିନି ଜଣ ପ୍ରଧାନମନ୍ତ୍ରୀ ବଦଳିବା ପରେ ୧୯୫୮ରେ ମିର୍ଜା ଉଭୟ ସମ୍ବିଧାନ ଓ ବିଧାନପାଳିକାକୁ ବରଖାସ୍ତ କରି ମାର୍ଶାଲ୍ ଲ' ଲାଗୁ କରିବା ସହିତ ନିଜକୁ ରାଷ୍ଟ୍ରପତି ଘୋଷଣା କଲେ। ଏଥିସହିତ ପାକିସ୍ତାନରେ ପ୍ରଥମ ସେନାଶାସନର ମୂଳଦୁଆ ପଡ଼ିଲା। ଶାସନ ପରିଚାଳନା ପାଇଁ ତତ୍କାଳୀନ ସେନାମୁଖ୍ୟ ଆୟୁବ୍ ଖାନ୍ ମୁଖ୍ୟ ପ୍ରଶାସକ ରୂପେ ନିଯୁକ୍ତି ହେଲେ।

ମାର୍ଶାଲ୍ ଲ' ଲାଗୁ ହେବାର ମାତ୍ର ୧୩ ଦିନ ପରେ ପାକିସ୍ତାନ ଇତିହାସରେ ଲେଖା ହେଲା ଅବିଶ୍ୱାସ ଓ ଅସ୍ଥିରତାର କଳା ଅଧ୍ୟାୟ। ଆୟୁବ୍ ଖାନ୍ ମିର୍ଜାଙ୍କୁ କ୍ଷମତାଚ୍ୟୁତ ଓ ଦେଶାନ୍ତରିତ କରି ନିଜକୁ ଶାସନମୁଖ୍ୟ ଘୋଷଣା କରିବା ସହିତ ଶାସନର ନୂଆ ବ୍ୟବସ୍ଥା ପ୍ରଣୟନ ପାଇଁ ଏକ ଆୟୋଗ ଗଠନ କଲେ। ଆୟୋଗର ସୁପାରିସ କ୍ରମେ ୧୯୬୨ରେ ପାକିସ୍ତାନର ଦ୍ୱିତୀୟ ସମ୍ବିଧାନ ସ୍ୱୀକୃତ ହେଲା, ଯେଉଁଥିରେ ସମ୍ବିଧାନ ସଭା ରହିଲା ଏବଂ ରାଷ୍ଟ୍ରପତିଙ୍କୁ ଶାସନମୁଖ୍ୟ କରାଗଲା(ପ୍ରେସିଡେନ୍‌ସିଆଲ୍ ଫର୍ମ ଅଫ୍ ଗଭର୍ଣ୍ଣମେଣ୍ଟ)। ଆୟୁବ୍ ଖାନ୍ ରାଷ୍ଟ୍ରପତି ଭାବେ ନିର୍ବାଚିତ ହେଲେ। ୧୯୬୫ରେ ଭାରତ ସହିତ ଯୁଦ୍ଧରେ ପାକିସ୍ତାନ ପରାଜିତ ହେବା ଓ ତାସ୍‌କେଣ୍ଟ ଚୁକ୍ତିରେ ସ୍ୱାକ୍ଷର କରିବା ପରେ ପ୍ରବଳ ଆଭ୍ୟନ୍ତରୀଣ ଚାପ ଯୋଗୁଁ ୧୯୬୯ରେ ରାଷ୍ଟ୍ରପତି ପଦରୁ ଆୟୁବ ଖାନ୍ ଇସ୍ତଫା ଦେଇ ସେନାମୁଖ୍ୟ ୟାହ୍ୟା ଖାନ୍‌ଙ୍କୁ କ୍ଷମତା ହସ୍ତାନ୍ତର କଲେ। ୟାହ୍ୟା ଖାନ୍ ବିଧାନପାଳିକାଗୁଡ଼ିକୁ ଭାଙ୍ଗି ଦେଇ ପୁନର୍ବାର ମାର୍ଶଲ୍ ଲ' ଲାଗୁ କଲେ। ୟାହ୍ୟା ଖାନ୍‌ଙ୍କ କାର୍ଯ୍ୟକାଳରେ ଭାରତ ସହିତ ଯୁଦ୍ଧରେ ପାକିସ୍ତାନ ପରାଜିତ ଓ ଦ୍ୱିଖଣ୍ଡିତ ହୋଇ ବାଂଲାଦେଶ ଗଠନ ହେଲା। ୧୯୭୨ରେ ମାର୍ଶାଲ୍ ହଟିଯାଇ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେଲା, ଯେଉଁଥିରେ ଜୁଲ୍‌ଫିକର ଅଲି ଭୁଟ୍ଟୋ ରାଷ୍ଟ୍ରପତି ନିର୍ବାଚିତ ହେଲେ।

୧୯୭୩ରେ ପୁଣି ଥରେ ନୂଆ ସମ୍ବିଧାନ ତିଆରି ହେଲା। ଏଥିରେ ପାକିସ୍ତାନରେ ସଂସଦୀୟ ଗଣତନ୍ତ୍ରକୁ ସ୍ୱୀକୃତି ମିଳିଲା ଏବଂ ଶାସନ ମୁଖ୍ୟ ରୂପେ



ପ୍ରଧାନମନ୍ତ୍ରୀ ପଦ ସୃଷ୍ଟି କରାଗଲା। ଭୁଟ୍ଟୋ ରାଷ୍ଟ୍ରପତିରୁ ପ୍ରଧାନମନ୍ତ୍ରୀ ହେଲେ। କିନ୍ତୁ ୧୯୭୬ରେ ଭୁଟ୍ଟୋ ଜିଆ ଉଲ୍ ହକ୍‌ଙ୍କୁ ସେନା ମୁଖ୍ୟ ଭାବେ ନିଯୁକ୍ତି ଦେଇ ବିପଦ ବରଣ କଲେ। ୧୯୭୭ରେ ଭୁଟ୍ଟୋ ବିପୁଳ ସଂଖ୍ୟାରେ ବିଜୟୀ ହୋଇଥିଲେ ହେଁ ଭୋଟ ଜାଲିଆତି ଅଭିଯୋଗରେ ଭୁଟ୍ଟୋଙ୍କୁ ବହିଷ୍କାର କରି ଜିଆ ଉଲ୍ ହକ୍ ପାକିସ୍ତାନ ଇତିହାସର ତୃତୀୟ ମାର୍ଶାଲ୍ ଲ' ଲାଗୁ କଲେ। ୧୯୭୯ରେ ଭୁଟ୍ଟୋଙ୍କୁ ଫାଶୀ ଦିଆଗଲା। ଏହି ସମୟରେ ପାକିସ୍ତାନ ଅଧିକ ସାମ୍ପ୍ରଦାୟିକତାବାଦୀ ନୀତିକୁ ଆପଣେଇଲା ଏବଂ 'ହୁଦୁଦ୍ ଅର୍ଡିନାନ୍ସ' ବା ଇସ୍‌ଲାମବାଦୀ ନୀତି ପାରିତ କରାଇଲା। ୧୯୮୫ରେ ମାର୍ଶାଲ୍ ଲ' ହଟିଯାଇ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେଲା। ମହମ୍ମଦ ଖାନ୍ ଜୁନେଜୋ ପ୍ରଧାନମନ୍ତ୍ରୀ ନିଯୁକ୍ତ ହେଲେ ଏବଂ ସଂସଦ ଜିଆଙ୍କୁ ପୁଣି ଥରେ ରାଷ୍ଟ୍ରପତି ରୂପେ ନିଯୁକ୍ତି ଦେଲା। କିନ୍ତୁ ୧୯୮୮ରେ ଜିଆ ସଂସଦକୁ ଭାଙ୍ଗି ଦେଇ ନୂଆ ନିର୍ବାଚନ କରିବା ପାଇଁ ଘୋଷଣା କଲେ।

୧୯୮୮ ଅଗଷ୍ଟ ୭ ତାରିଖରେ ବିମାନ ଦୁର୍ଘଟଣାରେ ଜିଆ ପ୍ରାଣ ହରାଇବା ପରେ ସାଧାରଣ ନିର୍ବାଚନ ହୋଇ ଜୁଲ୍‌ଫିକର ଅଲି ଭୁଟ୍ଟୋଙ୍କ ଝିଅ ବେନ୍‌ଜିର ଭୁଟ୍ଟୋ ପ୍ରଧାନମନ୍ତ୍ରୀ ହେଲେ। କିନ୍ତୁ ୧୯୯୦ରେ ରାଷ୍ଟ୍ରପତି ଗୁଲାମ୍ ଇସାକ୍ ଖାନ୍ ସଂସଦକୁ ଭାଙ୍ଗିଦେଇ ନୂଆ ନିର୍ବାଚନ କରାଇଲେ, ଯେଉଁଥିରେ ନୱାଜ ସରିଫ୍‌ଙ୍କ ଅଭ୍ୟୁଦୟ ଘଟିଲା। ସରିଫ୍‌ଙ୍କ ପ୍ରଧାନମନ୍ତ୍ରିତ୍ୱ ଅମଳରେ ପାକିସ୍ତାନ ବିଧିବ୍ୟବସ୍ଥାରେ 'ସାରିୟାତ୍ ଆଇନ' କାର୍ଯ୍ୟକାରୀ କରାଗଲା। ୧୯୯୨ରେ 'ମୁହାଜିର କ୍ୱାମି ମୁଭ୍‌ମେଣ୍ଟ' ନାମରେ ହୋଇଥିବା ବିଦ୍ରୋହକୁ ଦମନ କରିବା ପାଇଁ ନୱାଜ୍ ସରିଫ୍ ସେନାକୁ ନିୟୋଜିତ କଲେ। ୧୯୯୩ରେ ରାଷ୍ଟ୍ରପତି ଗୁଲାମ୍ ଇଏକ୍ ଖାନ୍ ସଂସଦକୁ ଭାଙ୍ଗିଦେଇ ବର୍ଷକ ପରେ ନିଜେ ଇସ୍ତଫା ଦେଲେ। ସାଧାରଣ ନିର୍ବାଚନରେ ବେନ୍‌ଜିର ଭୁଟ୍ଟୋ ପୁଣି ଥରେ ପ୍ରଧାନମନ୍ତ୍ରୀ ରୂପେ ନିର୍ବାଚିତ ହେଲେ ଏବଂ ଫାରୁକ୍ ଲେଘାରି ରାଷ୍ଟ୍ରପତି ନିଯୁକ୍ତ ହେଲେ। ୧୯୯୬ରେ ଲେଘାରି ସଂସଦକୁ ଭାଙ୍ଗି ଦେବା ପରେ ୧୯୯୭ରେ ସାଧାରଣ ନିର୍ବାଚନରେ ସରିଫ୍ ପୁଣି ପ୍ରଧାନମନ୍ତ୍ରୀ ହେଲେ ଏବଂ ରଫିକ୍ ତରାର ରାଷ୍ଟ୍ରପତି ନିଯୁକ୍ତ ହେଲେ। ୧୯୯୯ରେ କାରଗିଲ୍ ଯୁଦ୍ଧରେ ପାକିସ୍ତାନର ପରାଜୟ ପରେ ସେନା ମୁଖ୍ୟ ଜେନେରାଲ୍ ପରଭେଜ୍ ମୁସାରଫ୍‌ଙ୍କୁ ହଟାଇବାକୁ ନୱାଜ ସରିଫ୍ ଉଦ୍ୟମ କଲେ। କିନ୍ତୁ ମୁସାରଫ୍ ହିଁ ନୱାଜ୍‌ଙ୍କୁ ହଟାଇ ନିଜେ ପାକିସ୍ତାନରେ ପଞ୍ଚମ ଥର ପାଇଁ ମାର୍ଶାଲ୍ ଲ' ଲାଗୁ କଲେ। ୨୦୦୨ରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେଲେ ହେଁ ମୁସାରଫ୍ ଉଭୟ ସେନାମୁଖ୍ୟ ଓ ରାଷ୍ଟ୍ରପତି ପଦରେ ରହିଲେ। ମୁସାରଫ୍‌ଙ୍କ ଘନିଷ୍ଠ ଜାଫାରୁଲାହ୍ ଖାନ୍ ଜମାଲି ପ୍ରଧାନମନ୍ତ୍ରୀ ରୂପେ ନିର୍ବାଚିତ ହେଲେ। କିଛିମାସ ପରେ ପ୍ରଧାନମନ୍ତ୍ରୀଙ୍କୁ ବଦଳାଇ ଦିଆଗଲା। ୨୦୦୭ରେ ମୁସାରଫ୍ ପାକିସ୍ତାନ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଇଫ୍‌ତିକାର ମହମ୍ମଦ ଚୌଧୁରୀଙ୍କୁ ବରଖାସ୍ତ କରିବାର କିଛି ଦିନ ପରେ ଜରୁରିକାଳୀନ ପରିସ୍ଥିତି ଘୋଷଣା କଲେ। ସେହିବର୍ଷ ବୋମା ଆକ୍ରମଣରେ ବେନ୍‌ଜିର ଭୁଟ୍ଟୋଙ୍କ ମୃତ୍ୟୁ ଘଟିଲା। ୨୦୦୮ରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହୋଇ ପାକିସ୍ତାନବାସୀ ପୁଣି ଥରେ ଗଣତନ୍ତ୍ରର ଆନନ୍ଦ ଅନୁଭବ କଲେ। ୨୦୧୦ରେ ପାକିସ୍ତାନ ସମ୍ବିଧାନର ୧୮ତମ ସଂଶୋଧନ କରାଯାଇ ରାଷ୍ଟ୍ରପତିଙ୍କୁ ପ୍ରଦତ୍ତ 'ବିଧାନପାଳିକା ଭଙ୍ଗ କ୍ଷମତା'କୁ ପ୍ରତ୍ୟାହାର କରି ନିଆଗଲା। ସୁଖର କଥା, ସେବେଠାରୁ ଏ ପର୍ଯ୍ୟନ୍ତ ଆଉ ସେନା ଶାସନ ଲାଗୁ ହୋଇନାହିଁ ସତ, କିନ୍ତୁ ନିର୍ବାଚନ, ସରକାର ଗଠନ ଓ ଶାସନରେ ସେନାର ପରୋକ୍ଷ ହସ୍ତକ୍ଷେପ ରହି ଆସୁଛି।













# ଅର୍ଥନୈତିକ ସଙ୍କଟ







ଦେଶଗଠନ କାଳରୁ ରାଜନୈତିକ ଅସ୍ଥିରତା ପାକିସ୍ତାନରେ ଯେଉଁ ଦୁର୍ବଳ ଓ ପରାନ୍ନଭୋଜୀ ଅର୍ଥନୀତିକୁ ଜନ୍ମ ଦେଇଥିଲା ତାହାର ସ୍ୱାସ୍ଥ୍ୟ ଅବସ୍ଥାରେ ଆଜି ପର୍ଯ୍ୟନ୍ତ ସୁଧାର ଆସିପାରିନାହିଁ। ମୁଖ୍ୟତଃ ମୌଳବାଦୀ ଆତଙ୍କରାଜର ମୁକାବିଲା ଆଳରେ ଆମେରିକାର ଆର୍ଥିକ ସହାୟତା ଓ ଇସ୍‌ଲାମୀୟ ରାଷ୍ଟ୍ରସଂଘର ସଦସ୍ୟ ଭାବେ ସାଉଦି ଆରବର ଆର୍ଥିକ ଅନୁଦାନ ଉପରେ ନିର୍ଭରଶୀଳ ଏହି ଦେଶ ୧୯୫୮ରୁ ୨୦୨୩ ମଧ୍ୟରେ ଦେଶ ଚଳାଇବା ପାଇଁ ୨୩ଥର ଆଇଏମ୍‌ଏଫ୍ ପାଖରେ ବନ୍ଧକ ପଡ଼ିବାର ବିଶ୍ୱରେକର୍ଡ ସୃଷ୍ଟି କରିଛି। ୨୦୨୩ରେ ଆଇଏମ୍‌ଏଫ୍ ୩୦୦ କୋଟି ଡଲାର ଋଣ ଦେବାକୁ ଯେଉଁ ସର୍ତ୍ତ ଆରୋପ କରିଛି ସେଥିରେ ଅନେକ କଠୋର ଆର୍ଥିକ ସଂସ୍କାର ଆଣିବା ପାଇଁ ପାକିସ୍ତାନ ବାଧ୍ୟ, ଯାହା ପାକିସ୍ତାନୀବାସୀଙ୍କ ଦୁଃସ୍ଥିତିକୁ ଆହୁରି ଉତ୍କଟ କରିବାର ଆଶଙ୍କା ସୃଷ୍ଟି ହୋଇଛି। ବର୍ତ୍ତମାନ ପାକିସ୍ତାନର ମୋଟ ଋଣ ପରିମାଣ ତା'ର ମୋଟ ଘରୋଇ ଉତ୍ପାଦ(ଜିଡିପି)ର ୭୨ ପ୍ରତିଶତ। ଗତ ଦୁଇବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ବିପୁଳ ପରିମାଣରେ ଖାଦ୍ୟ ସାମଗ୍ରୀ ଓ ଇନ୍ଧନ ଆମଦାନୀ ଯୋଗୁଁ ସେଠାକାର ବୈଦେଶିକ ମୁଦ୍ରା ଭଣ୍ଡାର ସରି ଆସୁଛି ଏବଂ ଚାଲୁ ଖାତା ନିଅଣ୍ଟ ବଢ଼ିବାରେ ଲାଗିଛି। ପାକିସ୍ତାନର ବୈଦେଶିକ ମୁଦ୍ରା ଭଣ୍ଡାରରେ ଏବେ ପ୍ରାୟ ୩୦୦ କୋଟି ଡଲାର ଅଛି, ଯାହା ଗୋଟିଏ ମାସର ଆମଦାନୀ ପାଇଁ ମଧ୍ୟ ଯଥେଷ୍ଟ ନୁହେଁ। ଅତି ନଗଣ୍ୟ ୨% ହାରରେ ବୃଦ୍ଧି ପାଉଥିବା ପାକିସ୍ତାନର ଜିଡିପି ପରିମାଣ ୨୦୨୩ରେ ଥିଲା ୩୪, ୦୦୦ କୋଟି ଡଲାର ଏବଂ ମୁଣ୍ଡପିଛା ଜିଡିପି ୧୪୭୦ ଡଲାର। ୧ ଟଙ୍କାର ଆମେରିକୀୟ ଡଲାର ବଦଳରେ ପାକିସ୍ତାନକୁ ପାଖାପାଖି ୨୮୦ ପାକିସ୍ତାନୀ ଟଙ୍କା ଦେବାକୁ ପଡୁଛି। ମୁଦ୍ରାସ୍ଫୀତି ହାର ଗତବର୍ଷ ଡିସେମ୍ବର ମାସ ଶେଷ ସୁଦ୍ଧା ୩୦%ରେ ପହଞ୍ଚିଛି।

ଦୁରବସ୍ଥାରେ ଥିବା ପାକିସ୍ତାନର ଅର୍ଥନୀତିକୁ ପ୍ରାକୃତିକ ଦୁର୍ବିପାକ ଆହୁରି ବିପର୍ଯ୍ୟସ୍ତ କରିଦେଇଛି। ୨୦୨୨ ଦ୍ୱିତୀୟାର୍ଦ୍ଧରେ ଆସିଥିବା ପ୍ରଳୟଙ୍କରୀ ବନ୍ୟା ଯୋଗୁଁ ସେହି ଦେଶର ଅର୍ଥନୀତି ପ୍ରାୟ ୩୦୦୦ କୋଟି ଡଲାରର କ୍ଷତି ସହିଛି। ବନ୍ୟାରେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି ପାକିସ୍ତାନର ରପ୍ତାନୀ ବାଣିଜ୍ୟରେ ୬୦ ପ୍ରତିଶତ ଅବଦାନ ରଖୁଥିବା ବୟନ ଶିଳ୍ପର କଞ୍ଚାମାଲ୍ କପା ଉତ୍ପାଦନ। ବିଜୁଳି ଉତ୍ପାଦନ ଓ ବିତରଣ ଖର୍ଚ୍ଚ ଦୁଇଗୁଣା ବଢ଼ିଯାଇଥିବାରୁ ଅନେକ କମ୍ପାନୀ ବନ୍ଦ ପଡ଼ିଛି ଏବଂ ଉତ୍ପାଦନ ବାଧାପ୍ରାପ୍ତ ହୋଇଛି। ତେଣୁ ରପ୍ତାନୀ ବାଣିଜ୍ୟ ସଂକୁଚିତ ହୋଇ ଅର୍ଥନୀତିକୁ ଆହୁରି ଅଧୋମୁଖୀ କରିବାରେ ଲାଗିଛି।

୨୦୨୩ ସୁଦ୍ଧା ପାକିସ୍ତାନର ବହିଃଋଣ ପରିମାଣ ଦୁଇଗୁଣା ବୃଦ୍ଧି ପାଇଥିବା ବେଳେ ଘରୋଇ ବା ଆଭ୍ୟନ୍ତରୀଣ ଋଣ ପରିମାଣରେ ଛଅଗୁଣା ବୃଦ୍ଧି ଘଟିଛି। ୨୦୨୪ ଆର୍ଥିକ ବର୍ଷ ଶେଷ ସୁଦ୍ଧା ପାକିସ୍ତାନ ଉପରେ ଶୁଝିବାକୁ ଥିବା ମୋଟ ଋଣଭାର ହେଉଛି ୪୯୫୦ କୋଟି ଡଲାର। ସେଥିରୁ ୩୦% କେବଳ ସୁଧ ବାବଦ ଦେୟ। ପାକିସ୍ତାନକୁ ଋଣ ଦାତାମାନଙ୍କ ମଧ୍ୟରେ ଅଛନ୍ତି ବିଶ୍ୱ ବ୍ୟାଙ୍କ, ଆନ୍ତର୍ଜାତିକ ମୁଦ୍ରାପାଣ୍ଠି, ଏସିଆନ୍ ଡେଭେଲପ୍‌ମେଣ୍ଟ ବ୍ୟାଙ୍କ, ଇସ୍‌ଲାମିକ୍ ଡେଭେଲପ୍‌ମେଣ୍ଟ ବ୍ୟାଙ୍କ, ୟୁଏଇ, ସାଉଦୀ ଆରବ ଓ ଚୀନ୍।

ଉଦ୍‌ବେଗଜନକ ହେଉଛି ପାକିସ୍ତାନର ମୋଟ ଋଣରୁ ୩୦% ହେଉଛି କେବଳ ଚୀନ୍‌ର ସରକାରୀ ଓ ବେସରକାରୀ ବ୍ୟାଙ୍କ ଦ୍ୱାରା ଦିଆଯାଇଥିବା ଋଣ, ଯାହାର ସୁଧହାର ଆଇଏମ୍‌ଏଫ୍ ଓ ଅନ୍ୟାନ୍ୟ ଆର୍ଥିକ ସଂସ୍ଥାର ସୁଧହାର ତୁଳନାରେ ଚାରିଗୁଣ ଅଧିକ। ଉଦାହରଣ ସ୍ୱରୂପ, ୨୦୧୯-୨୦ରେ ଅନ୍ୟାନ୍ୟ ଆର୍ଥିକ ସଂସ୍ଥାଙ୍କୁ ସୁଧ ବାବଦରେ ପାକିସ୍ତାନ ୭.୬ ନିୟୁତ ଡଲାର ପୈଠ କରିଥିବା ବେଳେ ଚୀନ୍‌କୁ ଦେଇଛି ୪୦୦ ନିୟୁତ ଡଲାର। ଭାରତରେ ଆତଙ୍କବାଦକୁ ପ୍ରୋତ୍ସାହନ ଏବଂ ଆଫ୍‌ଗାନିସ୍ତାନ ଆତଙ୍କବାଦୀଙ୍କ ସହିତ ଯୁଦ୍ଧ ପାଇଁ ଏହି ଆଣବିକ ଶକ୍ତିସମ୍ପନ୍ନ ଅସ୍ଥିର ରାଷ୍ଟ୍ର ଅଧିକରୁ ଅଧିକ ଚୀନଠାରୁ କରଜରେ ଯୁଦ୍ଧାସ୍ତ୍ର କିଣୁଛି। ତେଣୁ ସୁଧ ବାବଦରେ ପାକିସ୍ତାନ ଯେତିକି ଅର୍ଥ ଚୀନ୍‌କୁ ଦେଉଛି, ସେଥିରେ ତାହାର ଆର୍ଥିକ ସ୍ଥିତି ଆହୁରି ସଙ୍କଟଜନକ ହୋଇଚାଲିଛି। ଏହାଛଡ଼ା ଚୀନ୍-ପାକିସ୍ତାନ ଇକନୋମିକ୍ କରିଡର(ସିପିଇସି)ରେ ଚୀନ୍ ୬୦୦୦ କୋଟି ଡଲାର ନିବେଶ କରିଥିବା ବେଳେ ସେଥିରୁ ଆଶାଜନକ ରାଜସ୍ୱ ସଂଗ୍ରହ ହୋଇପାରି ନଥିବାରୁ ପାକିସ୍ତାନ ଚୀନ ପାଖରେ ଏକପ୍ରକାର ବନ୍ଧକ ପଡ଼ିସାରିଛି। ଏହା ହେଉଛି ସେ ଦେଶର ସାମଗ୍ରିକ ଅର୍ଥନୀତି ବା ମାକ୍ରୋ-ଇକୋନମିର ଚିତ୍ର। ମାଇକ୍ରୋଇକୋନମିର ଚିତ୍ର ଏହାଠାରୁ ଆହୁରି ଭୟଙ୍କର।

୨୦୨୨ରେ ପାକିସ୍ତାନରେ ଆସିଥିବା ପ୍ରଳୟଙ୍କରୀ ବନ୍ୟା ଓ ତଦ୍‌ଜନିତ ଫସଲ କ୍ଷତି ଯୋଗୁଁ ୧୬୦୦ ସୂତାକଳ ବନ୍ଦ ହୋଇଯିବାରୁ ୭ ଲକ୍ଷ ଶ୍ରମିକ କାମଧନ୍ଦା ହରାଇଛନ୍ତି। ସରକାରୀ ସ୍ତରରେ ବେକାରୀ ହାର ୮.୫%କୁ ବୃଦ୍ଧି ପାଇଥିବା ବେଳେ ଦାରିଦ୍ର୍ୟ ହାରରେ ଆହୁରି ୯.୧% ବୃଦ୍ଧି ଘଟିଛି। ଖାଇବା ଜିନିଷର ଦରଦାମ ଏତେ ବଢ଼ିଯାଇଛି ଯେ ଦିନକୁ ଜଣେ ଲୋକ ଖାଇବା ପାଇଁ ଅତିକମ୍‌ରେ ୧୫୦୦ ପାକିସ୍ତାନୀ ଟଙ୍କା ଦରକାର ପଡୁଛି। ଅପରପକ୍ଷରେ ଅଧିକାଂଶ ପରିବାରର ଦୈନିକ ଉପାର୍ଜନ ୫୦୦ ଟଙ୍କାରୁ ମଧ କମ୍। ଯେଉଁଠାରେ ଖାଇବାକୁ ପର୍ଯ୍ୟାପ୍ତ ସମ୍ବଳ ନାହିଁ, ସେଠାରେ ପିଲାଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ କଥା ଅଚିନ୍ତନୀୟ। ପାକିସ୍ତାନର ଏକ ଘରୋଇ ସଂସ୍ଥାର ଆକଳନ ଅନୁଯାୟୀ, ୨୦୧୧ ରୁ ୨୦୨୩ ଭିତରେ ପାକିସ୍ତାନର ମୁଣ୍ଡପିଛାଋଣ ଭାର ୩୬% ବଢ଼ି ୧୧୨୨ ଡଲାର ହୋଇଛି। ଅପରପକ୍ଷରେ ଏହି ସମୟ ମଧ୍ୟରେ ମୁଣ୍ଡପିଛା ଜିଡିପି ୬% ହ୍ରାସ ପାଇ ୧୨୨୩ ଡଲାରରେ ପହଞ୍ଚିଛି। ୨୦୨୩ରେ ଜଣେ ପାକିସ୍ତାନୀ ଶିଶୁ ଜନ୍ମ ନେବା ବେଳକୁ ତା'ମୁଣ୍ଡ ଉପରେ ୩୨୧୩୪୧ ପାକିସ୍ତାନୀ ଟଙ୍କାର ବୋଝ ଲଦି ହୋଇଯାଇଛି।

ପାକିସ୍ତାନର ଏହି ଆର୍ଥିକ ଦୁଃସ୍ଥିତି ପଛରେ ରାଜନୈତିକ ଅସ୍ଥିରତା, ଭୂ-ରାଜନୈତିକ ପରିସ୍ଥିତି ସହିତ ନୀତିଗତ ସ୍ଥାଣୁତା ଓ ଉଗ୍ରମୌଳବାଦୀ ମାନସିକତା ମଧ୍ୟ ସମପରିମାଣରେ ଦାୟୀ। ୨୪୧.୫ ନିୟୁତ ଜନସଂଖ୍ୟା ତୁଳନାରେ ଗୋଟିଏ ଦେଶର ଜିଡିପି ଅଭିବୃଦ୍ଧି ହାର(୨%) ଯଥେଷ୍ଟ ନୁହେଁ। ପାକିସ୍ତାନର ଟିକସ ସଂଗ୍ରହ ନୀତି ବିଶ୍ୱରେ ସବୁଠାରୁ ତ୍ରୁଟିପୂର୍ଣ୍ଣ। ସେଠାକାର ଆଇନ ପ୍ରଣୟନ ଓ ନୀତି ନିର୍ଦ୍ଧାରଣରେ ପ୍ରଭାବଶାଳୀ, ପ୍ରତିପତ୍ତିଶାଳୀ ଓ ସମୃଦ୍ଧିଶାଳୀ ପଞ୍ଜାବ ଓ ସିନ୍ଧ ପ୍ରାଦେଶିକ ପ୍ରତିନିଧିଦ୍ୱର ଆଧିପତ୍ୟ ରହୁଥିବାରୁ ସେମାନଙ୍କୁ ସୁହାଇବା ପରି ଟିକସ ନୀତି ନିର୍ଦ୍ଧାରଣ କରିଦିଆଯାଇଥିଲା, ଯାହା ଆଜି ପର୍ଯ୍ୟନ୍ତ ସଂଶୋଧିତ ହୋଇପାରୁନାହିଁ। ତେଣୁ ସେଠାରେ ଜମି ମାଲିକମାନଙ୍କଠାରୁ ଟିକସ ଆଦାୟ କରାଯାଏ ନାହିଁ କି ପୁଞ୍ଜି ଲାଭ ଉପରେ କର ଲାଗୁ ହୁଏ ନାହିଁ। ଫଳସ୍ୱରୂପ ରାଜସ୍ୱ ସଂଗ୍ରହ ଓ ଅଭିବୃଦ୍ଧି ହାର ଉଲ୍ଲେଖନୀୟ ଭାବେ ହ୍ରାସ ପାଇ ଚାଲିଛି। ଅପରପକ୍ଷରେ ବିଗତ ଶତାବ୍ଦୀର ନବେ ଦଶକରେ ଭାରତ, ଚୀନ୍ ସମେତ ଏସିଆ ଓ ଆଫ୍ରିକାର ଅନେକ ଦେଶ ଯେତେବେଳେ ଜଗତୀକରଣ ଓ ଉଦାରୀକରଣ ପ୍ରକ୍ରିୟାକୁ ଆପଣେଇ ନେଲେ ସେତେବେଳେ ଉଗ୍ରମୌଳବାଦ, ରୂଢ଼ିବାଦ ଓ ଇସଲାମୀୟ ରାଷ୍ଟ୍ରନୀତି ଯୋଗୁଁ ପାକିସ୍ତାନ ପଛରେ ପଡ଼ିଗଲା। ଏହି ସମୟ ଥିଲା ସମଗ୍ର ବିଶ୍ୱବାଣିଜ୍ୟ ଓ ଅର୍ଥନୀତି ପାଇଁ ଏକ ନିର୍ଣ୍ଣାୟକ ମୋଡ଼। ଐକ୍ୟ ଭାରତବାସୀଙ୍କର ବିବିଧତାପୂର୍ଣ୍ଣ ସଂସ୍କୃତି, ଉଦାରବାଦୀ ମାନସିକତା ଓ ପ୍ରଗତିଶୀଳ ଜୀବନଶୈଳୀ ଯୋଗୁଁ ବହୁଦେଶୀୟ କମ୍ପାନୀମାନଙ୍କ ପାଇଁ ଭାରତ ଏକ ବିଶାଳ ବଜାର ରୂପେ ପ୍ରତିଭାତ ହେଲା ବେଳେ ଆତଙ୍କ ଓ ଅସ୍ଥିର ବହୁଦେଶୀୟ କମ୍ପାନୀ ଓ ପର୍ଯ୍ୟଟକମାନଙ୍କୁ ପାକିସ୍ତାନଠାରୁ ଦୂରେଇ ରଖିଲା। ଏଭଳି ଅନେକ କାରଣରୁ ଜିଡିପି ଅଭିବୃଦ୍ଧି ଦୌଡ଼ ବା ଅର୍ଥନୀତିରେ ପାକିସ୍ତାନ ଆଜି ଭାରତଠାରୁ ବହୁପଛରେ ପଡ଼ିଯାଇଛି। ଏକପକ୍ଷରେ ରାଜନୈତିକ ଅସ୍ଥିରତା, ଆତଙ୍କବାଦୀଙ୍କୁ ପ୍ରୋତ୍ସାହନ ଏବଂ ଅପରପକ୍ଷରେ ଚୀନ୍ ଉପରେ ଅଧିକ ନିର୍ଭରଶୀଳତା ଯୋଗୁଁ ଇତିମଧ୍ୟରେ ପାକିସ୍ତାନକୁ ଆମେରିକାର ଆର୍ଥିକ ସହାୟତା ବନ୍ଦ ହୋଇସାରିଛି। ଏଭଳି ସ୍ଥିତିରେ ବିଶ୍ୱର ଦେବାଳିଆ ଦେଶ ତାଲିକାରେ ଆଉ ଏକ ନାମ ଖୁବ୍‌ଶୀଘ୍ର ଯୋଡ଼ି ହେବାକୁ ଯାଉଛି।





# ପାକ୍ - ଆମେରିକା ଦ୍ୱିପାକ୍ଷିକ ସମ୍ପର୍କର ଏପାଖସେପାଖ

**ଅଶୋକ କୁମାର ପାଢ଼ୀ**

**ପାକ୍-ଆମେରିକା ଦ୍ୱିପାକ୍ଷିକ ସମ୍ପର୍କର ଅନୁଧ୍ୟାନ, ଅନୁଶୀଳନ ଓ ସମୀକ୍ଷା କଲାବେଳେ ମନେରଖିବାକୁ ପଡ଼ିବ ଯେ ଆମେରିକା ବିଶ୍ୱର ଅନ୍ୟତମ ଅଗ୍ରଣୀ ବିତ୍ତଶାଳୀ, ମହାଶକ୍ତିଶାଳୀ, ଅପ୍ରମିତ ପ୍ରଭାବଶାଳୀ ଦେଶ ହୋଇଥିବା ବେଳେ ପାକିସ୍ତାନ ଏକ ଦରିଦ୍ର, ଭୋକିଲା, ଅସ୍ଥିର, ଅରାଜକ, ଅଶାନ୍ତ, ହିଂସା-ପ୍ରତିହିଂସା ପ୍ରପୀଡ଼ିତ ଇତର ଓ ଦୁଷ୍ଟ ଦେଶ । କାଳ ଓ ସ୍ଥଳବିଶେଷରେ ପାକିସ୍ତାନକୁ ଆମେରିକା ବନ୍ଧୁରାଷ୍ଟ୍ରର ମାନ୍ୟତା ଦେଇପାରେ, କିନ୍ତୁ ସର୍ବଦା ଚାହିଁଛି ଓ ଚାହିଁବ ଯେ ରୁଷ, ଚୀନ ଓ ଭାରତ ସଂଲଗ୍ନ ଏହି ଶୃଗାଳ ଦେଶ ସର୍ବଦା ତା'ର ଗୋଡ଼ାଣିଆ, ବୋଲକରା, ଆଶ୍ରିତ, ଦାନଗ୍ରହୀତା ଦେଶ ହୋଇ ରହିଥାଉ । ସାଧାରଣତଃ ବନ୍ଧୁତ୍ୱପୂର୍ଣ୍ଣ ଦ୍ୱିପାକ୍ଷିକ ସମ୍ପର୍କର ପରିଭାଷା କୂଟନୈତିକ ଔପଚାରିକତା ବିଚାରରେ ନିରନ୍ତର ପ୍ରସାରିତ ସହଯୋଗିତା, ସହଭାଗିତା ଓ ରଣନୈତିକ ଅଂଶୀଦାରିତାକୁ ବୁଝାଇଥାଏ । କିନ୍ତୁ ପାକ୍-ଆମେରିକା ସମ୍ପର୍କର ବାସ୍ତବିକତା ହେଉଛି ଦୁଃସ୍ଥିତିରେ ଥାଇ ସହାୟତା, ସହୃଦୟତା ଆଶା କରୁଥିବା ବନ୍ଧୁ ଦେଶର ବିକାଶ ପାଇଁ କିଛି ଦାନ, ଅନୁଦାନ ଓ କୋହଳ ସର୍ତ୍ତଯୁକ୍ତ ଦୀର୍ଘକାଳୀନ ଋଣ ଓ ସାମରିକ ସହାୟତା ଯୋଗାଇ ତା'ର ସାର୍ବଭୌମତ୍ୱ, ସ୍ୱାଧୀନ ବୈଦେଶିକ ନୀତିକୁ ମାଡ଼ିମକଚି ଦିଆଯାଇଛି । ପ୍ରଭାବଶାଳୀ, ମିତ୍ରଭାବାପନ୍ନ ବଦାନ୍ୟ ମିତ୍ର ଦେଶ ତା'ର ଗରିବ, ନିଃସ୍ୱ ପରନିର୍ଭର ବନ୍ଧୁଦେଶର ଭୂମିରେ ନିଜର ସାମରିକ ଘାଟି ଗଢ଼ିଛି, ସେଠାକାର ଅର୍ଥନୀତି, ରାଜନୀତିକୁ ନିଜ ନିୟନ୍ତ୍ରଣକୁ ନେଇ ନିଜ ଭୂ-ରାଜନୈତିକ ସ୍ୱାର୍ଥସାଧନରେ ପ୍ରୟାସୀ ହୋଇଛି ।**

ବିଂଶ ଶତାବ୍ଦୀର ମଧ୍ୟଭାଗରେ ଆମେରିକା ନେତୃତ୍ୱରେ ପୁଞ୍ଜିବାଦ ସମର୍ଥକ ଦେଶଙ୍କ ଗୋଷ୍ଠୀ ଓ ସୋଭିଏତ ସଂଘ ନେତୃତ୍ୱରେ ସାମ୍ୟବାଦ ବା କମ୍ୟୁନିଷ୍ଟ ମତବାଦରେ ବିଶ୍ୱାସୀ ଦେଶଙ୍କ ଗୋଷ୍ଠୀ ପରସ୍ପରକୁ ନିପାତ, ନିଶ୍ଚିହ୍ନ କରିଦେବାକୁ ସମରମନସ୍କ ହୋଇ ପ୍ରସ୍ତୁତିରେ ଲାଗିରହିବା କାଳଖଣ୍ଡକୁ 'ଶୀତଳ ଯୁଦ୍ଧ'ର ଯୁଗ କୁହାଯାଏ। ୧୯୫୦ରେ ତତ୍କାଳୀନ ପାକ୍ ପ୍ରଧାନମନ୍ତ୍ରୀ ଲିୟାକତ୍ ଅଲ୍ଲୀ ଖାନ୍ ଆମେରିକା ସରକାରଙ୍କ ନିମନ୍ତ୍ରଣ ପାଇ ସେଠାକୁ ୨୩ ଦିନିଆ ସରକାରୀ ଗସ୍ତରେ ଯିବା ପରଠାରୁ



ଆରମ୍ଭ ହୋଇଥିଲା, ପାକ୍-ଆମେରିକା ଦ୍ୱିପାକ୍ଷିକ ମୈତ୍ରୀ ସମ୍ପର୍କ । କାରଣ, ସେତେବେଳକୁ ସୋଭିଏତ ସଂଘ ଖୋଲାଖୋଲି ଭାବେ ପାକିସ୍ତାନର ପରମ ଶତ୍ରୁ ଭାରତକୁ ପ୍ରତିଟି ବୈଶ୍ୱିକ ମଞ୍ଚରେ ସମର୍ଥନ ଓ ଭାରତର ସୁରକ୍ଷା ନିମନ୍ତେ ଆବଶ୍ୟକ ସାମରିକ ସହାୟତା ଦେଉଥିଲ, ଯାହା ଏବେ ବି ଆପାତତଃ ଅତୁଟ ରହିଛି । ଭାରତ-ସୋଭିଏତ ସଂଘ ମୈତ୍ରୀ ନିବିଡ଼ତର ହେଉଥିବା ଲକ୍ଷ୍ୟ କରି ଆମେରିକା ବ୍ୟଥିତ, କ୍ରୋଧିତ ଓ ଶଙ୍କାଗ୍ରସ୍ତ ଥିଲା ଯେ ଦକ୍ଷିଣ ଏସିଆରେ ସାମରିକ-ଭୂରାଜନୈତିକ ସନ୍ତୁଳନ ସାମ୍ୟବାଦୀ ସୋଭିଏତ ସଂଘ ପଟକୁ ଢଳୁଛି। ଆମେରିକା ତେଣୁ ପାକିସ୍ତାନକୁ ନିଜ ପକ୍ଷକୁ ଟାଣିବାରେ ପ୍ରୟାସୀ ହେଲା । ଲିୟାକତଙ୍କ ପରେ ପରେ ଆୟୁବ ଖାନ୍ ଓ ୟାହିୟା ଖାନଙ୍କ ଭଳି ତୁଙ୍ଗ ପାକ୍ ନେତା ଓ ସାମରିକ ଶାସକ ଆମେରିକା ସହ ଘନିଷ୍ଠତା ବଢ଼ାଇଲେ। ଆମେରିକା ବି ପାକିସ୍ତାନକୁ ସହଯୋଗୀ ଦେଶ ଭାବେ ମହତ୍ତ୍ୱ ଦେବା ଆରମ୍ଭ କରି ଆଶାତୀତ ସାମରିକ ସହାୟତା ଦେଉଥିଲା। ଜୁଲଫିକର ଅଲ୍ଲୀ ଭୁଟ୍ଟୋ ୧୯୭୧ରେ ପାକିସ୍ତାନର ରାଷ୍ଟ୍ରପତି ହେବା ପରେ ଭାରତର ଆଣବିକ ଶକ୍ତିକୁ ମୁକାବିଲା କରିବା ପାଇଁ ପାକିସ୍ତାନ ତା'ର ନିଜସ୍ୱ ଆଣବିକ କାର୍ଯ୍ୟକ୍ରମ ଆରମ୍ଭ କଲା । କିନ୍ତୁ ପାକିସ୍ତାନର ଅସ୍ତ୍ର ଭଣ୍ଡାରରେ ଅଣୁଅସ୍ତ୍ର ରହୁ, ଏହା ଆମେରିକା ଚାହିଁଲାନାହିଁ। ଅଣୁଅସ୍ତ୍ର ବିକାଶ କାର୍ଯ୍ୟକ୍ରମ ବାତିଲ କରିବାକୁ ଅଥବା ବନ୍ଦ ରଖିବାକୁ ପାକିସ୍ତାନ ଉପରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଚାପ ପକାଇଲା । ଆମେରିକା ସେତେବେଳେ ପାକିସ୍ତାନ ବିରୋଧରେ ଆର୍ଥିକ କଟକଣା ଲାଗୁ କଲା, ସାମରିକ ସହାୟତା ଯଥେଷ୍ଟ କମାଇଲା ଓ ପ୍ରତିଶ୍ରୁତିବଦ୍ଧିତ ଅନୁଦାନ ରୋକିଲା। ତେବେ ଉଭୟ ଦେଶ ମଧ୍ୟରେ ଏହି ମତାନ୍ତର ଓ ମନାନ୍ତର ବେଶୀ ଦିନ ରହିନଥିଲା । ସୋଭିଏତ ସଂଘ ୧୯୭୯ରେ ଆଫଗାନିସ୍ତାନ ଉପରେ ଆକ୍ରମଣ କଲା। ସୋଭିଏତ ସେନାର ମୁକାବିଲା କରୁଥିବା ଆଫଗାନ୍ ମୁଜାହିଦ୍ଦିନ ବିଦ୍ରୋହୀଙ୍କୁ ଆମେରିକା ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର, ଗୋଳାବାରୁଦ ଯୋଗାଇବାକୁ ନିଷ୍ପତ୍ତି ନେଲା। ପାକ୍-ଅଫଗାନ୍ ସୀମାବର୍ତ୍ତୀ ଦୁର୍ଗମ ଅଞ୍ଚଳରେ ଗୋପନ ସାମରିକ ଘାଟି କେତୋଟି ସ୍ଥାପନ କରି ସେଠାରୁ ସ୍ଥଳପଥରେ ଆଫଗାନ୍ ମୁଜାହିଦ୍ଦିନ ପାଇଁ ଅସ୍ତ୍ରଶସ୍ତ୍ରାଦି ଯୁଦ୍ଧ ସରଞ୍ଜାମ ଯୋଗାଣର ଯେଉଁ ବ୍ୟବସ୍ଥା କରିବାକୁ ଆମେରିକା ଚାହିଁଲା ସେଥିରେ ପାକିସ୍ତାନର ସହଯୋଗ ଏକ ଅନିବାର୍ଯ୍ୟ ଆବଶ୍ୟକତା ଥିଲା । ସେତେବେଳେ ପାକିସ୍ତାନକୁ ମନାଇବା ପାଇଁ ଆମେରିକା ସରକାର ପାକିସ୍ତାନକୁ ଅଜସ୍ର କୋଟି ଡଲାର ମୂଲ୍ୟର ଅସ୍ତ୍ରଶସ୍ତ୍ର, ଯୁଦ୍ଧ ବିମାନ, କ୍ଷେପଣାସ୍ତ୍ର, ରାଡାର ସିଷ୍ଟମ, ସର୍ଭେଲାନ୍ସ ସିଷ୍ଟମ୍, ଟ୍ୟାଙ୍କ, ଆର୍ମର୍ଡ ଯାନାଦି ସାଙ୍ଗକୁ ପାକିସ୍ତାନର ସର୍ବାଙ୍ଗୀନ ବିକାଶ ପାଇଁ ଲୋଭନୀୟ ଅନୁଦାନ ରାଶି ଅକାତରରେ ଯୋଗାଇଥିଲେ । ସେତେବେଳର ପାକ୍ ସାମରିକ ଶାସକ ଜେନେରାଲ୍ ମହମ୍ମଦ ଜିଆ-ଉଲ ହକ୍ ଓ ତାଙ୍କ ଅଧସ୍ତନ ଉଚ୍ଚପଦସ୍ଥ ସେନା ଅଫିସରଗଣ ଆନନ୍ଦରେ ସେସବୁ ଉପହାର ଗ୍ରହଣ କରି ଆମେରିକାକୁ ସାମରିକ ଉଦ୍ଦେଶ୍ୟରେ ପାକ୍ ଭୂମିକୁ ବ୍ୟବହାର କରିବାକୁ ସୁଯୋଗ ଦେଇଥିଲେ ଓ ପାକ୍-ଆଫଗାନ୍ ସୀମାକୁ ଖୋଲା ଛାଡ଼ିବାକୁ, ଲକ୍ଷ ଲକ୍ଷ ଆଫଗାନ୍ ଶରଣାର୍ଥୀଙ୍କୁ ଆଶ୍ରୟ ଦେବାକୁ ସମ୍ମତ ହୋଇଥିଲେ। ୧୯୮୭ ମଧ୍ୟଭାଗରେ ସଂସ୍କାରବାଦୀ ସୋଭିଏତ ରାଷ୍ଟ୍ରପତି ମିଖାଇଲ ଗୋର୍ବାଚେଭ ଆଫଗାନିସ୍ତାନରୁ ସୋଭିଏତ ସେନା ଫେରାଇ ଅଣାଯିବା ନିଷ୍ପତ୍ତି ଘୋଷଣା କରିଥିଲେ । ତଦନୁଯାୟୀ ଶେଷ ସୋଭିଏତ ସୈନିକ

୧୫ ଫେବୃଆରୀ ୧୯୮୯ରେ ଆଫଗାନିସ୍ତାନ ଛାଡ଼ିଥିଲେ। ୧୭ ଅଗଷ୍ଟ ୧୯୮୮ରେ ଜେନେରାଲ ଜିଆଙ୍କ ନିଧନ ପରେ ପାକିସ୍ତାନରେ ଗଣତନ୍ତ୍ରର ପୁନଃସ୍ଥାପନା ସମ୍ଭବ ହୋଇଥିଲା।

ଆଫଗାନ୍-ସୋଭିଏତ ଯୁଦ୍ଧରେ ପାକିସ୍ତାନର ସହଯୋଗ ନିର୍ଣ୍ଣାୟକ ହୋଇଥିବା ସତ୍ତ୍ୱେ ଆମେରିକା କଦାପି ଚାହୁଁନଥିଲା ଯେ ପାକିସ୍ତାନ ତା'ର ଅଣୁ ଅସ୍ତ୍ର ବିକାଶ ଓ ନିର୍ମାଣ କାର୍ଯ୍ୟକ୍ରମ ଚାଲୁରଖୁ। ଆମେରିକା ସେଥିପାଇଁ ବେନଜୀର ଓ ନୱାଜ ସରକାର ଉପରେ ପ୍ରବଳ ଚାପ ପକାଇଥିଲା। ତେଣୁ ପାକ୍-ଆମେରିକା ଦ୍ୱିପାକ୍ଷିକ ସମ୍ପର୍କରେ ପୁଣି ଥରେ ଫାଟ ଦେଖାଦେଇଥିଲା। ପାକିସ୍ତାନ ଏଥିପାଇଁ ଅସୁଖୀ ଥିଲା ଯେ ଭାରତର ଅଣୁ କାର୍ଯ୍ୟକ୍ରମ ଉପରେ ରୋକ ଲଗାଇବା ପାଇଁ ଆମେରିକା ଆଦୌ ମନଯୋଗୀ ହେଉନଥିବା ବେଳେ କେବଳ ପାକିସ୍ତାନ ଉପରେ ଚାପ ପକାଉଛି। ତା'ପରେ କିନ୍ତୁ ଆସିଥିଲା ୯/୧୧ ଆତଙ୍କବାଦୀ ଆକ୍ରମଣ। ଆମେରିକାର ଟୁଇନ୍ ଟାୱାର ଧୂଳିସାତ୍ ହୋଇଥିଲା ଓ ଦୁଇ ହଜାରରୁ ଅଧିକ ଲୋକ ଏହି ଆକ୍ରମଣରେ ଜୀବନ ହରାଇଲେ। ୯/୧୧ ଆକ୍ରମଣ ପାଇଁ ଦାୟୀ ଆତଙ୍କବାଦୀଙ୍କ ନେତା ଓସାମା ବିନ୍ ଲାଡେନଙ୍କୁ ସମର୍ଥନ ଓ ଆଶ୍ରୟ ଦେଇଥିବା ଆଫଗାନିସ୍ତାନର ଶାସକ ତାଲିବାନ ସରକାରକୁ ନିଶ୍ଚିହ୍ନ କରିବା ସଙ୍କଳ୍ପ ନେଇ ଆମେରିକା ବ୍ୟାପକ ସାମରିକ କାର୍ଯ୍ୟାନୁଷ୍ଠାନ ଚଲାଇଲା। ଆମେରିକାକୁ ସେଥିରେ ପାକିସ୍ତାନର ସହଯୋଗ ପାଇବା ଏକ ଅନିର୍ବାଯ୍ୟତା ଥିଲା। ୯/୧୧ ଆକ୍ରମଣ ପୂର୍ବରୁ ତାଲିବାନକୁ ପାକିସ୍ତାନ ସମର୍ଥନ ଦେଉଥିଲା, କିନ୍ତୁ ୯/୧୧ ପରେ ପାକିସ୍ତାନ ତା'ର ନୀତିରେ ପରିବର୍ତ୍ତନ ଆଣି ଆମେରିକାକୁ ଅକୁଣ୍ଠ ସମର୍ଥନ ଓ ସମସ୍ତ ପ୍ରକାର ସହଯୋଗ ଦେଇଥିଲା। ପାକିସ୍ତାନ ଭିତରେ ଆମେରିକା ତା'ର ସେନା ଶିବିର ସ୍ଥାପନ କରିଥିଲା ଓ ସେଠାରୁ ଆତଙ୍କୀ ନିପାତ ଅଭିଯାନ ଚଳାଇଥିଲା। ପ୍ରତିବଦଳରେ ଆମେରିକାଠାରୁ ପାକିସ୍ତାନ ପାଇଥିଲା ବଡ଼ ପରିମାଣର ଆର୍ଥିକ ଅନୁଦାନ ଓ ଯୁଦ୍ଧବିମାନ, ଅସ୍ତ୍ରଶସ୍ତ୍ର, ଗୋଳାବାରୁଦ, ସାମରିକ ଉପକରଣାଦିର ବିପୁଳ ସହାୟତା। ସେ ସମୟରେ ପାକ୍-ଆମେରିକା ସମ୍ପର୍କ ନିବିଡ଼ତର ହୋଇଥିଲା। କିନ୍ତୁ ଆବୋଟାବାଦରେ ଆମେରିକାର ନେଭି ସିଲ୍ କମାଣ୍ଡୋମାନେ ଓସାମାଙ୍କୁ ନିପାତ କରିବା ପରେ ସ୍ଥିତି ପୁଣି ବଦଳିଥିଲା। ଉଭୟ ପାକିସ୍ତାନ ଓ ଆମେରିକା ପରସ୍ପରକୁ ସନ୍ଦେହ ଓ ଅବିଶ୍ୱାସ କରିଥିଲେ। ଆମେରିକା ଭାବିଥିଲା, ଓସାମାଙ୍କୁ ଆଶ୍ରୟ ଦେଇ ପାକିସ୍ତାନ ବିଶ୍ୱାସଭଙ୍ଗ କରିଛି। ପାକିସ୍ତାନ ଭାବିଥିଲା, ଆବୋଟାବାଦରେ ଆମେରିକାର କମାଣ୍ଡୋମାନଙ୍କର ସାମରିକ କାର୍ଯ୍ୟାନୁଷ୍ଠାନ ପାକିସ୍ତାନର ସର୍ବଭୌମତ୍ୱ ଉପରେ ପ୍ରହାର।

ଆଫଗାନିସ୍ତାନରେ ପ୍ରାୟ ଦୁଇ ଦଶନ୍ଧିର ସାମରିକ କାର୍ଯ୍ୟାନୁଷ୍ଠାନ ଚଲାଇବା ପରେ ଆମେରିକା ସରକାର ଆଫଗାନିସ୍ତାନରୁ ସୈନ୍ୟ ପ୍ରତ୍ୟାହାର ନିଷ୍ପତ୍ତି ନେଲେ ଓ କାବୁଲ ପୁଣି ତାଲିବାନ ଶାସନ ଅଧୀନକୁ ଗଲା। ଚୀନ ସେତେବେଳର ପରିସ୍ଥିତିର ସୁଯୋଗ ନେବାକୁ ଚାହିଁ ଆଫଗାନିସ୍ତାନ ଓ ପାକିସ୍ତାନ ସହ ସମ୍ପର୍କକୁ ବିସ୍ତାରିତ, ବ୍ୟାପକତର କରିବା ଆରମ୍ଭ କରିଥିଲା, ଯାହା ଏବେବି ଚାଲୁରଖିଛି। ଏକଦା ପରମବନ୍ଧୁ ଥିବା ପାକିସ୍ତାନ ଏବେ ଚୀନ ପଟକୁ ଢଳୁଥିବା ଦେଖି ଆମେରିକା ସରକାର ଭାରତ ସହ ବନ୍ଧୁତା ବଢ଼ାଇବାକୁ ନିଷ୍ପତ୍ତି ନେଇଛନ୍ତି। ପାକିସ୍ତାନକୁ ଆମେରିକା ସରକାର ଦେଉଥିବା ସାମରିକ ସହାୟତା ଓ ଆର୍ଥିକ ଅନୁଦାନ ଉପରେ ପୁଣି ରୋକ ଲାଗିଛି। ଆମେରିକା ଆଉ ଦକ୍ଷିଣ ଏସିଆ ଭୂ-ରାଜନୈତିକ ସ୍ଥିତି ଉପରୁ ନଜର ହଟାଇ ପୂର୍ବ ଏସିଆ ଓ ଇଣ୍ଡୋ ପାସିଫିକ୍ ଅଞ୍ଚଳରେ ଚୀନର ସାମରିକ ଉପସ୍ଥିତି ଓ କ୍ରମବର୍ଦ୍ଧମାନ ପ୍ରଭାବର ମୁକାବିଲା କରିବାକୁ ମନଯୋଗୀ ହୋଇଛି। ତଥାପି ଆମେରିକାର ବିଚାରରେ ପାକିସ୍ତାନ ମୁଖ୍ୟ ଏକ ଅଣ-ନାଟୋ ସହଯୋଗୀ ଦେଶ।

## ଟିଟିପିର ପ୍ରଭାବ

ଅନ୍ୟପକ୍ଷରେ ଆଫଗାନିସ୍ତାନରେ ତାଲିବାନ ଶାସନର ପୁନଃପ୍ରତିଷ୍ଠାରେ ପାକିସ୍ତାନର ଖୁସି ଅଧିକ କାଳ ରହିନାହିଁ। ଆଫଗାନିସ୍ତାନରେ ତାଲିବାନ ଲେଉଟିଛି ଓ ପାକିସ୍ତାନରେ ଆମେରିକାର ମିଲାଟାରୀ ବେସ୍ ବନ୍ଦ ହୋଇଯାଇଛି। ତେଣୁ ପାକିସ୍ତାନ ସରକାରକୁ ଗାଦିଚ୍ୟୁତ କରି ପାକିସ୍ତାନରେ ସାରିୟାତ ଶାସନ ଲାଗୁ କରିବାକୁ ସେଠାକାର ସେନା ସହ ଲଢୁଥିବା ଆତଙ୍କୀ ସଂଗଠନ ତେହରିକ୍-ଇ-ତାଲିବାନ୍ ପାକିସ୍ତାନ(ଟିଟିପି) ଉତ୍ସାହିତ ହୋଇ ବ୍ୟାପକ ସ୍ତରରେ ଆତଙ୍କବାଦୀ କାର୍ଯ୍ୟକଳାପ ଚଳାଇଛି। ୨୦୦୯ରେ ଟିଟିପିର ସଂସ୍ଥାପକ ଆତଙ୍କୀ ନେତା ବୈତୁଲ୍ଲାହ ମାସୁଦ ଓ ୨୦୧୩ରେ ଟିଟିପି ମୁଖ୍ୟ ହାକିମୁଲ୍ଲା ମାସୁଦ ଆମେରିକାର ଡ୍ରୋନ୍ ଆକ୍ରମଣର ଶିକାର ହୋଇଥିଲେ। ଏବେ ପାକିସ୍ତାନରେ ଆମେରିକାର ସୈନ୍ୟ ନାହାନ୍ତି କି ଡ୍ରୋନ ନାହିଁ। ତେଣୁ ଟିଟିପି ନିର୍ବିଘ୍ନରେ ପାକିସ୍ତାନରେ ଆତଙ୍କୀ କାର୍ଯ୍ୟକଳାପ ଚଳାଇଛି। ଟିଟିପି ଏକ ବିଶ୍ୱସ୍ତରର ଆତଙ୍କୀ ସଂଗଠନ, ଯାହା ବିଶ୍ୱର ଯେକୌଣସି ସ୍ଥାନରେ ଆତଙ୍କୀ ଆକ୍ରମଣ ଘଟାଇ ବ୍ୟାପକ ଧ୍ୱଂସସାଧନ କରିପାରେ। ୨୦୨୨ରେ ଆମେରିକା କାବୁଲରେ ଆଲ କାଏଦା ନେତା ଆୟମନ ଅଲ-ଜୱାହିରିଙ୍କୁ ଡ୍ରୋନ୍ ଆକ୍ରମଣ କରି ନିପାତ କରିଥିଲା। ପାକିସ୍ତାନର ଏୟାରସ୍ପେସ୍ ବ୍ୟବହାର କରିବାକୁ ପାକ୍ ସରକାର ବା ପାକ୍ ସେନା ଅନୁମତି ଦେବାରୁ ଜୱାହିରିଙ୍କୁ ଡ୍ରୋନ୍ ଆକ୍ରମଣରେ ହତ୍ୟା କରିବା ସମ୍ଭବ ହୋଇଥିଲା। ତେଣୁ ଏହା ସ୍ପଷ୍ଟ ଯେ ପାକିସ୍ତାନ ସର୍ବଦା ଆମେରିକାର ରଣନୈତିକ ଅଂଶୀଦାର ଦେଶ ହୋଇରହିବ।







## ଆମେରିକାର ଭୟ

ଆମେରିକାର ସବୁଠୁ ବଡ଼ ଚିନ୍ତା ହେଉଛି, ପାକିସ୍ତାନର ଅଣୁଅସ୍ତ୍ର ଓ ଅଣୁଅସ୍ତ୍ର ନିର୍ମାଣର ବୈଷୟିକ ଜ୍ଞାନକୌଶଳ କାଳେ ଆତଙ୍କବାଦୀ ଓ ଅନ୍ୟ କୌଣସି ଦୁଷ୍ଟ ଶକ୍ତି କବଳିତ କରିନେବେ। ତେଣୁ ୨୦୧୮ରେ ଆମେରିକାର ତତ୍କାଳୀନ ଟ୍ରମ୍ପ ସରକାର ପାକିସ୍ତାନକୁ କୌଣସି ସାମରିକ ସହାୟତା ଦେବା ଉପରେ ରୋକ ଲଗାଇଥିଲେ। ଟ୍ରମ୍ପଙ୍କ ପରେ ଆମେରିକାରେ କ୍ଷମତାସୀନ ବାଇଡେନ ସରକାର ସେ ରୋକ ପ୍ରତ୍ୟାହାର କରି ପାକିସ୍ତାନ ପାଇଁ ୪୫୦ ନିୟୁତ ଡଲାରର ସାମରିକ ସହାୟତାକୁ ମଞ୍ଜୁର କରିଛନ୍ତି।



## ଆମେରିକାର ବାଣିଜ୍ୟ ସହଯୋଗ

୨୦୨୨ରେ ପାକିସ୍ତାନରେ ବଡ଼ ବନ୍ୟା ଆସି ସେଦେଶର ପ୍ରାୟ ଏକତୃତୀୟାଂଶ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟିଥଲା। ସେତେବେଳେ ପାକିସ୍ତାନକୁ ଆମେରିକା ପ୍ରାୟ ୨୦୦୦୦ କୋଟି ଡଲାରର ଦାନ ପ୍ୟାକେଜ୍ ଦେଇଥିଲା। ପାକିସ୍ତାନ ପାଇଁ ଆମେରିକା ହେଉଛି ସବୁଠୁ ବଡ଼ ବାଣିଜ୍ୟ ଅଂଶୀଦାର। ଉଭୟ ଦେଶ ମଧ୍ୟରେ ବର୍ଷକୁ ୧୨ ବିଲିଅନ୍ ଡଲାରର ବାଣିଜ୍ୟ ହୋଇଥାଏ। ଉଭୟ ଦେଶ ବାଣିଜ୍ୟ ଓ ନିବେଶ ବର୍ଦ୍ଧନ ଚାହିଁ ଟ୍ରେଡ ଆଣ୍ଡ ଇନଭେଷ୍ଟମେଣ୍ଟ ଫ୍ରେମୱାର୍କ ଏଗ୍ରିମେଣ୍ଟ ସ୍ୱାକ୍ଷର କରିଛନ୍ତି। ଗତ ଆର୍ଥିକ ବର୍ଷରେ ପାକିସ୍ତାନରେ ଆମେରିକା ତା'ର ପୁଞ୍ଜିନିବେଶ ପ୍ରାୟ ୫୦% ବଢ଼ାଇଛି। ଉପଭୋକ୍ତା ସାମଗ୍ରୀ ଉତ୍ପାଦନ, କୃଷି, ରସାୟନ, ପରିବହନ, ଶକ୍ତି ଉତ୍ପାଦନ, ବିପିଓ, ଯୋଗାଯୋଗ ଆଦି କ୍ଷେତ୍ରରେ ପାକିସ୍ତାନରେ ଆମେରିକାର ନିବେଶକମାନେ ପୁଞ୍ଜି ନିବେଶ କରିବାକୁ ଆଗ୍ରହୀ ହୋଇଛନ୍ତି। କିନ୍ତୁ ପାକିସ୍ତାନର ବ୍ୟବସାୟ ପରିବେଶ ଉପରେ ସବୁକିଛି ନିର୍ଭର କରୁଛି। ପାକିସ୍ତାନରେ ବ୍ୟବସାୟ ନିୟନ୍ତ୍ରଣ ଆଇନ, ଟିକସ ବ୍ୟବସ୍ଥା ଓ ବୌଦ୍ଧିକ ସମ୍ପତ୍ତିର ସୁରକ୍ଷା ଆଦି ଉପରେ ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜିନିବେଶ ବିଶେଷ ଭାବେ ନିର୍ଭର କରୁଥିବା ବେଳେ ନିରନ୍ତର ଆତଙ୍କୀ ହିଂସା, ରାଜନୈତିକ ଅସ୍ଥିରତା ଓ ଦୁର୍ବଳ ବିତ୍ତୀୟ ପରିଚାଳନା ଓ ଭିତ୍ତିଭୂମି ସଂରଚନାର ଅଭାବ କାରଣରୁ ନିବେଶାନୁକୂଳ ପରିବେଶ ସୃଷ୍ଟି ହୋଇପାରୁନାହିଁ। ତେଣୁ ପାକ୍-ଆମେରିକା ବାଣିଜ୍ୟ ସମ୍ବନ୍ଧ ମଜଭୁତ ହେବାକୁ ସମୟ ଲାଗିବ।



ଭୁବନେଶ୍ୱର, ମୋ: ୮୨୪୯ ୯୧୭୨୩୩



# ଆତଙ୍କବାଦୀଙ୍କ ଭୂସ୍ୱର୍ଗ

ଆତଙ୍କବାଦୀଙ୍କ ଭୂସ୍ୱର୍ଗ କୁହାଯାଉଥିବା ପାକିସ୍ତାନରେ ପ୍ରାୟ ୮୦ଟି ଆତଙ୍କବାଦୀ ସଂଗଠନ ଜନ୍ମ ନେଇଛନ୍ତି । ସେମାନଙ୍କ ମଧ୍ୟରୁ ଅନେକ କେବଳ କାଶ୍ମୀରରେ ଆତଙ୍କବାଦୀ କାର୍ଯ୍ୟକଳାପ ପାଇଁ ପାକିସ୍ତାନ ସେନା ଓ ଆଇଏସ୍ଆଇ ଦ୍ୱାରା ତାଲିମପ୍ରାପ୍ତ ହେଉଥିବା ବେଳେ ଆଉ କେତେକ ସଂଗଠନ ପାକିସ୍ତାନରେ ହିଁ ଆତଙ୍କବାଦୀ କାର୍ଯ୍ୟକଳାପ ଜାରି ରଖିଛନ୍ତି । ସେଠାରେ ପାକ୍ ସେନା ପ୍ରାୟୋଜିତ ଏବଂ ପାକ୍‌ବିରୋଧୀ ମୋଟ ୪୪ଟି ଆତଙ୍କବାଦୀ ସଂଗଠନ ସକ୍ରିୟ ରହିଛନ୍ତି । ସେଥିମଧ୍ୟରୁ ବାଲୁଚିସ୍ତାନରେ ମୋଟ ୧୯ଟି ଆତଙ୍କବାଦୀ ସଂଗଠନ ମଧ୍ୟରୁ ବର୍ତ୍ତମାନ ୫ଟି ସକ୍ରିୟ ଅଛନ୍ତି । ସେହିପରି ଖାଇବର ପଖତୁନଖ୍ୱାରେ ୨୧ ଟି ଆତଙ୍କବାଦୀ ସଂଗଠନ ମଧ୍ୟରୁ ବର୍ତ୍ତମାନ କେବଳ ୨ ଟି ସକ୍ରିୟ ଅଛନ୍ତି । ପଞ୍ଜାବ ପ୍ରଦେଶରେ ୩୫ ଟି ଆତଙ୍କବାଦୀ ସଂଗଠନ ଉଭୟ ଆଭ୍ୟନ୍ତରୀଣ ଓ ଭାରତରେ ଉଗ୍ରବାଦୀ କାର୍ଯ୍ୟକଳାପରେ ଜଡ଼ିତ ଅଛନ୍ତି । ସିନ୍ଧରେ ମୋଟ ୧୪ ଟି ଆତଙ୍କବାଦୀ ସଂଗଠନରୁ ୨ ଟି ସକ୍ରିୟ ରହିଛନ୍ତି । ସର୍ବଦା ନିଜର ପଡ଼ୋଶୀ ଦେଶ ଆଫଗାନିସ୍ତାନ, ଇରାନ, ଭାରତ ସମେତ ଯୁକ୍ତରାଷ୍ଟ୍ର ଆମେରିକା, ବ୍ରିଟେନ, ଜର୍ମାନୀ, ଫ୍ରାନ୍ସ, ଦକ୍ଷିଣ ଏସିଆ ଓ ନିଜର ସ୍ଥାନୀୟ କ୍ଷେତ୍ରରେ ବିଭିନ୍ନ ପ୍ରକାର ଆତଙ୍କବାଦୀ ଗତିବିଧିରେ ସାମିଲ ଥିବାର ଆରୋପ ଲାଗିଥାଏ ପାକିସ୍ତାନ ଉପରେ । ବିଶେଷକରି ଆଫଗାନିସ୍ତାନ- ପାକିସ୍ତାନ ସୀମା, ପାକିସ୍ତାନର ଉତ୍ତର-ପଶ୍ଚିମୀ ଜନଜାତୀୟ କ୍ଷେତ୍ରକୁ ଆତଙ୍କବାଦୀଙ୍କ ଏକ ସୁରକ୍ଷିତ ଗଡ଼ ଭାବରେ ବର୍ଣ୍ଣନା କରାଯାଏ । ପାକିସ୍ତାନର ଆତଙ୍କବାଦୀ ସଂଗଠନ ଓ ସେମାନଙ୍କ ଆତଙ୍କବାଦୀ ଆକ୍ରମଣ ଉପରେ ଏକ ବିଶେଷ ଉପସ୍ଥାପନା ।





## ପାକିସ୍ତାନର ପ୍ରମୁଖ ଆତଙ୍କବାଦୀ ସଂଗଠନ

| ସଂଗଠନ ନାମ | ମୁଖ୍ୟ | ଆତଙ୍କବାଦୀ ଆକ୍ରମଣ |
|---|---|---|
| ଲସ୍କର- ଏ - ତୈଏବା | ହାଫିଜ ସଇଦ | ମୁମ୍ବାଇ ୨୬/୧୧ ଆକ୍ରମଣ |
| ଜୈଶ- ଏ- ମୋହମ୍ମଦ | ମସୁର ଆଜାଦ | ଭାରତୀୟ ସଂସଦ ଉପରେ ଆକ୍ରମଣ |
| ହରକତ-ଉଲ-ମୁଜାହିଦ୍ଦିନ (ହିଜୁ) | ବିନ୍ ଲାଡେନ୍, ଜାମିତ ଉଲ୍ ଅନସାର | ଇଣ୍ଡିଆନ ଏୟାରଲାଇନ୍ସ ଫ୍ଲାଇଟ୍ ଅପହରଣ |
| କ୍ୟୁଟା ସୁରା ତାଲିବାନ | ମୁଲ୍ଲାହ ଓମାର, ମୁଲ୍ଲାହ ଅବଦୁଲ ବରାଦ | ଆଫଗାନିସ୍ତାନ ଉପରେ ରାଜ |
| ହିଜବ- ଇ- ଇସଲାମି | ଗୁଲାବୁଦ୍ଦିନ ହେକମାତ୍ୟାର | ସୋଭିଏତ ଆଫଗାନ ଯୁଦ୍ଧ, ଅଫସର୍ ଅପରେସନ୍ |
| ଅଲ୍ କାଏଦା | ଓସାମା ବିନ୍ ଲାଡେନ | ୯/୧୧ ଆକ୍ରମଣ (ଆମେରିକାର ଟ୍ୱିନ୍ ଟାୱାର ଉପରେ ଆକ୍ରମଣ ) |
| ତେହେରିକ -ଇ ତାଲିବାନ-ପାକିସ୍ତାନ | ହକିମୁଲ୍ଲା ମେହେସୁଦ | ଖୈବର ପଖ୍ତୁନଖ୍ୱାରେ ବିଦ୍ରୋହ, ଆଫଗାନିସ୍ତାନ ଯୁଦ୍ଧ |
| ତେହେରିକ-ଇ- ନଫାଜ - ସହାରିଅତ ମୋହମ୍ମଦି | ମୁଲ୍ଲା ଫାଜାଉଲ୍ଲା | ଖୈବର ପଖ୍ତୁନଖ୍ୱାରେ ଆତଙ୍କବାଦୀ ବିଦ୍ରୋହରେ ଯୁଦ୍ଧ |
| ବଦ୍ରି ୩୧୩ ବାଟାଲିୟନ | ହିବତୁଲ୍ଲାହ ଅଖୁନ୍ଦଜାଦା | ମିଲ୍ ଏମ୍ଆଇ-୧୭ ବିମାନ ଆକ୍ରମଣ, ଆଫଗାନିସ୍ତାନ ଉପରେ କବ୍‌ଜା |
| ଲସ୍କର -ଏ- ଝାଙ୍ଗବି | ରିୟାଜ ବସରା, ମଲିକ ଇଶାକ, ଅକରମ ଲାହୌରୀ, ଗୁଲାମ ରସୁଲ ଶାହ | ଶ୍ରୀଲଙ୍କା କ୍ରିକେଟ ଟିମ ଉପରେ ଆକ୍ରମଣ |





# ନୀତି ଅନୀତି ରାଜନୀତି

ଶ୍ରୀବିଦୂର



## ବିହାରୀବାଗରେ ପଦ୍ମ ସୁଗନ୍ଧ

ଏକଦା ଓଡ଼ିଶା ରାଜନୀତିର ପେଣ୍ଠ ଥିଲା କଟକ ବିହାରୀବାଗ। କେତେକେତେ ଧୂରନ୍ଧର ନେତା ଏଠାରୁ ଇଲମ ନେଇ ନିଜ ରାଜନୀତି ଜୀବନ ଆରମ୍ଭ କରିଛନ୍ତି। ଖୋଦ ହରେକୃଷ୍ଣ ଓ ତାଙ୍କର ପଟ୍ଟଶିଷ୍ୟ ଜାନକୀବଲ୍ଲଭ ରାଜ୍ୟରେ ମୁଖ୍ୟମନ୍ତ୍ରୀ ପଦ ଅଳଙ୍କୃତ କରିଥିଲେ। ଦିହେଁ ରାଜ୍ୟପାଳ ବି ହୋଇଥିଲେ। ମାତ୍ର ହରେକୃଷ୍ଣଙ୍କ ବିହାରୀବାଗ ଆଉ ତାଙ୍କ ଅବର୍ତ୍ତମାନରେ ଭର୍ତ୍ତୃହରିଙ୍କ ବିହାରୀବାଗ ମଧ୍ୟରେ ଆକାଶପାତାଳ ପ୍ରଭେଦ ବୋଲି କଟକିଆ ଚର୍ଚ୍ଚା କରୁଛନ୍ତି। ଦିନାକାତେ ଶଙ୍ଖ ନାଦରେ ଘୋ ଘୋ କରୁଥିବା ବିହାରୀବାଗର ଏବର ମହତାବ କୁଆଡ଼େ ପଦ୍ମ ସୁଗନ୍ଧରେ ବିହ୍ୱଳ। ଯେଉଁ ଶଙ୍ଖ ଦଳ ତାଙ୍କୁ ଛଅ ଥର ସାଂସଦ କରିଥିଲା, ଏବେ ଚାରିଧାଡ଼ିଆ ଇସ୍ତଫା ଲେଖି ମହତାବ ସବୁ ଦାୟରୁ ମୁକ୍ତ ବୋଲି ଭାବୁଛନ୍ତି। ଅବଶ୍ୟ କେଇମାସ ତଳେ ଦିଲ୍ଲୀରେ ଏକ ପୁସ୍ତକ ଉନ୍ମୋଚନ ଉତ୍ସବରେ ପଦ୍ମ ଦଳିଆ ନେତାମାନଙ୍କ ସହ ମହତାବଙ୍କ କେମେଷ୍ଟ୍ରୀ ଦେଖିଥିବା ଲୋକମାନେ ଯାହା ବୁଝିବା କଥା ବୁଝି ସାରିଛନ୍ତି। ପାରିବାରିକ ବିବାଦ ଓ ଅଦାଲତୀ ମାମଲା ଯୋଗୁଁ ସିନା ପଦ୍ମ ଦଳିଆ ସମୁଦିଙ୍କ ସହ ସମ୍ପର୍କ ପିତା ହୋଇଛି, ହେଲେ ଅନ୍ୟମାନଙ୍କ ସହ ସମ୍ପର୍କ ଅଧିକ ମଧୁର ହୋଇଛି। ଟିକଟ କଟିବା ଆଶଙ୍କା କି ଅଦାଲତରେ ଚାର୍ଜଫ୍ରେମ୍ କେବଳ ବାହାନା; ରାଜ୍ୟପାଳ ପଦର ମୋହ କୁଆଡ଼େ ବିହାରୀବାଗ ମହତାବଙ୍କୁ ବିହ୍ୱଳିତ କରିଛି। ଗୋଟିଏ ପରିବାରରୁ ଦୁଇ ପିଢ଼ିର ଲୋକ ପ୍ରଧାନମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ, ପ୍ରଧାନ ବିଚାରପତି, ମୁଖ୍ୟମନ୍ତ୍ରୀ ସିନା ହୋଇଛନ୍ତି; ମାତ୍ର ଦୁଇ ପିଢ଼ିର ଦୁଇ ଜଣ ରାଜ୍ୟପାଳ ହେବା ସମ୍ଭବତଃ ବିରଳ ଘଟଣା। ସେହିପରି ଏକ ବିରଳ ସଂଯୋଗର ଅଂଶୀଦାର ହେବା ପାଇଁ ମହତାବ ପଦ୍ମ ଦଳିଆ ନେତାଙ୍କ ନିକଟତର ହୋଇଥିବା କଟକରେ ଚର୍ଚ୍ଚା। ସଂଯୋଗବଶତଃ ଏବେ ପୁଣି ତେଲଙ୍ଗାନାରେ ରାଜ୍ୟପାଳ ପଦ ଖାଲି ହୋଇଛି...।



## ଲେମ୍ବୁ ଅତି ଚିପୁଡ଼ିଲେ ପିତା

ଏକଦା ଚାଷୀ ଆନ୍ଦୋଳନର ନେପଥ୍ୟ ପୃଷ୍ଠପୋଷକରୁ ମାଷ୍ଟରକ୍ୟାଣ୍ଟିନ ହାତ ମଠକୁ ଯାତ୍ରା ବାବୁ ବିଜୟଙ୍କ ପାଇଁ ଏତେ ସହଜ ନ ଥିଲା। ତଥାପି ସିଏ ନିଜ ବାବୁ ବୁଦ୍ଧି ପ୍ରୟୋଗ କରି ଧୂମକେତୁ ପରି ଓଡ଼ିଶା ହାତ ପାର୍ଟିରେ ଅଚାନକ ଲ୍ୟାଣ୍ଡ କଲେ। ଦଳରେ ପ୍ରବେଶ କରୁକରୁ ପ୍ରଚାରକ ପରି ଉଚ୍ଚ ପଦରେ ବସି ପଡ଼ିଲେ; ମାତ୍ର କେଇଟା ମାସ ମଧ୍ୟରେ ଉଚ୍ଚ ଆସନରୁ ତଳକୁ ଦୁମ୍ କରି ଖସିଛନ୍ତି ପ୍ରଚାରକ ପଟ୍ଟନାୟକ। ତାଙ୍କୁ ପଦଚ୍ୟୁତ କରି ତାଙ୍କ ସ୍ଥାନରେ କଳାହାଣ୍ଡିଆ ଭକ୍ତଙ୍କୁ ଅବସ୍ଥାପିତ କରିଛନ୍ତି ଖଡ଼୍‌ଗେ ଏଣ୍ଡ କୋଃ। ଅନୁରୂପ ଭାବେ ତାଙ୍କ ସହ ଘନିଷ୍ଠ ସମ୍ପର୍କ ରଖିଥିବା ଅନେକ ନେତାଙ୍କୁ ଗୁରୁତ୍ୱପୂର୍ଣ୍ଣ କୁହାଯାଉଥିବା ରାଜନୈତିକ କମିଟି ଓ ନିର୍ବାଚନ କମିଟିରେ ବି ସ୍ଥାନ ମିଳିନାହିଁ। ଏହାକୁ ନେଇ ବାବୁ ବିଜୟ କୁଆଡ଼େ ଅବସାଦଗ୍ରସ୍ତ ଆଉ ତାଙ୍କ ବିରୋଧୀ ଗୋଷ୍ଠୀ ଉତ୍ସାହିତ। କେଉଁ ଅଦୃଶ୍ୟ ଶକ୍ତି ଇଙ୍ଗିତରେ ଜାତୀୟ ନେତୃତ୍ୱ ତାଙ୍କୁ ଆକସ୍ମିକ ଭାବରେ ପ୍ରଚାରକ ପଦରୁ ହଟାଇ ଦେଲେ ତାହା ବିଜୟଙ୍କ ପାଇଁ ଏବେ ବି ଅବୋଧ। କୁହାଯାଉଛି ଯେ ବିଜୟ ଦଳରେ ପ୍ରବେଶ କରୁକରୁ ରାଜ୍ୟର ପୁରୁଖା ଓ ପୁରୁଣା ନେତାଙ୍କୁ ଅତିକ୍ରମ କରି ନିଜର ଏକ ଢ଼ାଞ୍ଚା ତିଆରି କରିବାରେ ଲାଗି ପଡ଼ିଲେ। ବିଭିନ୍ନ ଅଞ୍ଚଳ ଘୂରିଘୂରି ନିଜ ପାଇଁ ଏକ ସମାନ୍ତରାଳ ସଙ୍ଗଠନ ସୃଷ୍ଟି କରିବାକୁ ଉଦ୍ୟମ କଲେ। ଏହାକୁ ତ ଦଳୀୟ ନେତୃତ୍ୱ ସହ୍ୟ କରିଗଲେ। ମାତ୍ର ଦୀର୍ଘବର୍ଷ ରାଜ୍ୟ କଂଗ୍ରେସ ଉପରେ ନିମ୍ନୂଳି ଲତା ପରି ମାଡ଼ିଥିବା ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀର ପୃଷ୍ଠପୋଷକ ସାଜିବା ଉଦ୍ୟମ କୁଆଡ଼େ ବିଜୟଙ୍କ ପାଇଁ ମହଙ୍ଗା ସାବ୍ୟସ୍ତ ହେଲା। ଯେଉଁଥିପାଇଁ ପଦଚ୍ୟୁତି ସହ ପକ୍ଷଚ୍ଛେଦନ। କଥାରେ ଅଛି ପରା- ଅତି ଲେମ୍ବୁ ଚିପୁଡ଼ିଲେ ପିତା।



## ବୁଲିବୁଲି ପୁଣି ସେଇ ଅଗଣା

ଧୂରନ୍ଧର ଢ଼ାଲିଙ୍କ ସମକକ୍ଷ ନେତା କ୍ଷମତା ରାଜନୀତିରେ ପ୍ରକୃତରେ ବିରଳ। ଏକଦା ମାଲକାନଗିରିରୁ ପଦ୍ମ ଦଳରୁ ରାଜନୀତି ଆରମ୍ଭ କରିଥିବା ଅରବିନ୍ଦ ଢ଼ାଲି ଏବେ ଶଙ୍ଖଦଳ ଛାଡ଼ି ପୁଣି ପଦ୍ମ ଶିବିରକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଖାଲି ପ୍ରତ୍ୟାବର୍ତ୍ତନ କରିନାହାନ୍ତି, ଆଖଡ଼ା କୁସ୍ତିଆଳ ମନମୋହନଙ୍କ ନିକଟରେ ନିଜର ଆନୁଗତ୍ୟତାର ଝୁଡ଼ିକୁ ଅଜାଡ଼ି ଦେଇଛନ୍ତି। ଆଖଡ଼ାରେ ଜରିପାଲ ବିଛେଇ ଅହର୍ନିଶି ମନମୋହନ ନାମ ଜପ କରୁଛନ୍ତି। ମୁଖ୍ୟ କୁସ୍ତିଆଳ ମନମୋହନ ମଧ୍ୟ କୁଆଡ଼େ ତାଙ୍କୁ କେଉଁଠି ହେଲେ ବି ଟିକଟିଏ ଦେବାକୁ ନିର୍ଭର ପ୍ରତିଶ୍ରୁତି ଦେଇଛନ୍ତି। ନିଜକୁ ଢ଼ାଲିଙ୍କ ଘନିଷ୍ଠ ବୋଲି ନିଜକୁ ଦାବି କରୁଥିବା ଜଣେ ଇଟାଭାଟି ମାଲିକ ବାଲିଅନ୍ତା ବଜାରରେ ଏହା ପ୍ରଚାର କରିଥିବା ମଧ୍ୟ ଶୁଣାଯାଉଛି। ଢେର ବର୍ଷ ତଳେ ମାଲକାନଗିରି ପଦ୍ମ ପୋଖରୀ ଛାଡ଼ି କୋଥଳି ଧରି ସହିଦନଗର ଅବଧାନଙ୍କ ଚାଟଶାଳିରେ ପହଞ୍ଚିଥିଲେ ଢ଼ାଲି। ଚାଣକ୍ୟଙ୍କ ସୁପାରିସ ଓ ଶଙ୍ଖପତିଙ୍କ ଆଶୀର୍ବାଦରେ ସିଏ ବିଧାନସଭାକୁ ନିର୍ବାଚିତ ହେଲେ। ମାତ୍ର ନିଜ କାର୍ଯ୍ୟକଳାପ ଯୋଗୁଁ ପରବର୍ତ୍ତୀ ନିର୍ବାଚନରେ ତାଙ୍କୁ ଟିକଟ ମିଳିଲା ନାହିଁ। ପାଞ୍ଚବର୍ଷ ପରେ ଦଳ ପୁଣିଥରେ ତାଙ୍କୁ ବିଶ୍ୱାସ କରି ଟିକଟ ଦେଲା। ମାତ୍ର ଅବନ୍ଧୁକୁ ବନ୍ଧୁ କରିବାର ନିଷ୍ଠାବାନ କଳା ଯୋଗୁଁ ତାଙ୍କ ବିରୋଧରେ ସୃଷ୍ଟ ଅସନ୍ତୋଷର ଝଡ଼ରୁ ସିଏ ଆଉ ବର୍ତ୍ତି ପାରିଲେ ନାହିଁ। କିଛି ଅକୁଣ୍ଠିତ ଠିକାଦାର ଓ ତୋଷାମଦିଆ କର୍ମୀଙ୍କ ଗହଣରେ ଦରବାର ଆଉ କେତେ ଦିନ ଚାଲନ୍ତା? ଆଗକୁ ଆଉ ଶଙ୍ଖ ଦଳ ତାଙ୍କୁ ଟିକଟ ଦେବ ନାହିଁ ବୋଲି ସୁରାକ ପାଇବା ପରେ ପାଲ ପକାଇବାକୁ ଢ଼ାଲି ପୁଣି ପଦ୍ମ ଆଖଡ଼ାରେ ହାଜର। ସେଇଥିପାଇଁ ପରା ପୁରୁଖା ଲୋକମାନେ କହିଛନ୍ତି- ଆରେ ଢମଣା, ବୁଲିବୁଲି ପୁଣି ସେଇ ଅଗଣା।



## ରାହୁଲଙ୍କ ରାସ୍ତାରେ ଅପରାଜିତା

ଓଡ଼ିଶା ପଦ୍ମ ଦଳର ଜଣେ ଉତ୍ସାହୀ ନେତ୍ରୀ ସାଂସଦ ଅପରାଜିତା ଏବେ କୁଆଡ଼େ ହାତ ଯୁବରାଜ ରାହୁଲଙ୍କୁ ଅନୁସରଣ କରୁଛନ୍ତି। ବିଶ୍ୱାସ ହେଉ ନାହିଁ ନା? ଆମେ କ'ଣ, ଆମ ଭଳିଆ ସାଧାରଣ ଲୋକ ଏହାକୁ ସହଜରେ ବିଶ୍ୱାସ କରିପାରୁ ନାହାନ୍ତି। ମାତ୍ର ଏ କଥା କୁଆଡ଼େ ଶହେ ପ୍ରତିଶତ ସତ। ଭାରତ ଯୋଡ଼ୋ ଯାତ୍ରା ସମୟରେ ରାହୁଲ ଯେପରି ବର୍ଷାରେ ଭିଜିଭିଜି ପଦଯାତ୍ରା କରିଥିଲେ, ଠିକ୍ ସେହି ଢ଼ାଞ୍ଚା ଓ ସେହି ଠାଣିମାଣିରେ ନିଜ ନିର୍ବାଚନମଣ୍ଡଳୀରେ ପଦଯାତ୍ରା ଆରମ୍ଭ କରିଛନ୍ତି ସାଂସଦ ଷଡ଼ଙ୍ଗୀ। ନିକଟରେ ଖୋର୍ଦ୍ଧା ଜିଲ୍ଲା ଉଜ୍ଜ୍ୱଳା ଗୋପୀନାଥପୁର ଅଞ୍ଚଳରେ କାଲୁ ଆଉ ପ୍ରଶାନ୍ତ ଜଗଦ୍ଦେବଙ୍କ ଗହଣରେ ଅପରାଜିତା ପଦଯାତ୍ରା କରିଥିବା ଅନେକ ଦେଖିଛନ୍ତି। ବିଡ଼ମ୍ବନା ହେଉଛି ଯେଉଁ ପ୍ରଶାନ୍ତଙ୍କୁ ଦିନେ ଅପରାଜିତା ଗୁଣ୍ଡା ବୋଲି ହୁରି ପକାଉଥିଲେ, ତାଙ୍କର ଗିରଫଦାରି ଦାବି କରୁଥିଲେ, ସେହି ପ୍ରଶାନ୍ତ ଜଗଦ୍ଦେବ ଏବେ ଅପରାଜିତାଙ୍କୁ ବର୍ଷା ଭିଜା ପଦଯାତ୍ରାବେଳେ ରାସ୍ତା କଢ଼ାଇ ନେଉଥିବା ଦେଖାଯାଇଛି। କୁହାଯାଏ ପ୍ରେମ ଓ ରାଜନୀତିରେ ସବୁକିଛି ସମ୍ଭବ, ସେମିତି ଘୃଣାରେ କେବେ ଖାଦ ବା ଭେଜାଲ ନ ଥାଏ ବୋଲି ବି କୁହାଯାଏ। ମାତ୍ର ଏଠି ପରିବର୍ତ୍ତିତ ସମୟରେ ସବୁ କିଛି ସମ୍ଭବ। ପାରସ୍ପରିକ ଶତ୍ରୁତା ସତ୍ତ୍ୱେ ସାପ-ନେଉଳ ଜୀଇବା ପାଇଁ ଏକାଠି ହେବା ପରି ଏବେ ପ୍ରଶାନ୍ତ ଓ ଅପରାଜିତା ଗୋଟିଏ ନାଆର ଯାତ୍ରୀ। ଭାରତ ଯୋଡ଼ୋ ପଦଯାତ୍ରା ସମୟରେ ଯେମିତି ରାହୁଲ ଯେଉଁଠି ଯାହାକୁ ପାଇଲେ ଆଲିଙ୍ଗନ କରି ପକାଉଥିଲେ, ନିଜ ସମର୍ଥକ ମନେ କରି କୋଳାଇ ନେଉଥିଲେ; ଏବେ କୁଆଡ଼େ ଖୋର୍ଦ୍ଧା ଜିଲ୍ଲାରେ ଷଡ଼ଙ୍ଗୀ ମ୍ୟାଡ଼ାମ ସେହି ଫର୍ମୁଲା ଆପଣେଇଛନ୍ତି। ଆଉ ଜଗଦ୍ଦେବଙ୍କ ପରି ଖ୍ୟାତନାମା ଲୋକ ସାଙ୍ଗରେ ଥିଲେ ଠେଲାପେଲା କି ଢ଼େଲା ଭୟ ବି ନାହିଁ।

ଏହା ଏକ ବ୍ୟଙ୍ଗାତ୍ମକ ଆଲେଖ୍ୟ। ଏହାଦ୍ୱାରା କାହାର ସମ୍ମାନହାନି କରିବା ଆମ୍ଭର ଉଦ୍ଦେଶ୍ୟ ନୁହେଁ। ସାମ୍ପ୍ରତିକ ରାଜନୈତିକ ସ୍ଥିତିକୁ ମନୋରଞ୍ଜନ ଶୈଳୀରେ ପାଠକଙ୍କ ସାମ୍ନାକୁ ଆଣିବା ଏହାର ଏକମାତ୍ର ଲକ୍ଷ୍ୟ।